ଯେଉଁମାନେ ଅଛନ୍ତି ସେ ସମସ୍ତଙ୍କୁ ବିନାଶ କରିବାକୁ ଇଚ୍ଛା କରନ୍ତି, ତେବେ ତାହାଙ୍କ ବିରୁଦ୍ଧରେ କାହାର କ'ଣ ବା କ୍ଷମତା ଅଛି ?


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6 | ସଂଖ୍ୟା 22

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

www.akhbarbadarqadian.in

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

03 ଜୁନ୍ 2021 | 03 ଏହ୍‌ସାନ୍ 1400 ହି.ଶ | 21 ଶୱାଲ୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

لَقَدۡ کَفَرَ الَّذِیۡنَ قَالُوۡۤا اِنَّ اللّٰہَ

ہُوَ الۡمَسِیۡحُ ابۡنُ مَرۡیَمَ ؕ قُلۡ فَمَنۡ یَّمۡلِکُ

مِنَ اللّٰہِ شَیۡئًا اِنۡ اَرَادَ اَنۡ یُّہۡلِکَ الۡمَسِیۡحَ

ابۡنَ مَرۡیَمَ وَاُمَّہٗ وَمَنۡ فِی الۡاَرۡضِ جَمِیۡعًا

(سورۃ المائدۃ:18)

ଅନୁବାଦ- ଯେଉଁମାନେ କହନ୍ତି ଯେ ଅଲ୍ଲାଃ ହିଁ ନିଶ୍ଚୟ ମରିୟମନନ୍ଦନ ମସିହ ଅଟନ୍ତି ସେମାନେ ନିଃସନ୍ଦେହରେ ଅବିଶ୍ୱାସକାରୀ ଅଟନ୍ତି; ତୁମ୍ଭେ (ସେମାନଙ୍କୁ) କୁହ, ''ଯଦି ଅଲ୍ଲାଃ ମରିୟମନନ୍ଦନ ମସିହ ଓ ତାଙ୍କର ମାତା ଏବଂ ପୃଥିବୀରେ ଯେଉଁମାନେ ଅଛନ୍ତି ସେ ସମସ୍ତଙ୍କୁ ବିନାଶ କରିବାକୁ ଇଚ୍ଛା କରନ୍ତି, ତେବେ ତାହାଙ୍କ ବିରୁଦ୍ଧରେ କାହାର କ'ଣ ବା କ୍ଷମତା ଅଛି ? *(ଅଲମାଇଦା: ୧୮)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଆମ ବନ୍ଧୁମାନେ ନିଜ ହୃଦୟ ଭିତରେ ଏ ସଂକଳ୍ପ ନେବା ଉଚିତ ଯେ, ଯେଉଁ ଶୈଳୀରେ ହେଉ ବା ଯେଉଁ ପ୍ରକାରରେ ହେଉ, ଯିଏ ଯେତିକି ପାରୁଛି ସେତେ ଧର୍ମ ସେବା କରିଚାଲନ୍ତୁ ।**

**ମୁଁ ସତ୍ୟ କହୁଅଛି ଯେ ଈଶ୍ୱରଙ୍କ ଦୃଷ୍ଟିରେ ସମ୍ମାନସ୍ପଦ ବ୍ୟକ୍ତି ହେଉଛି ସେ ଯିଏ ଧର୍ମର ସେବକ ଓ ମାନବଜାତି ପାଇଁ ହିତକାରୀ । ଅନ୍ୟଥା ସେ (ଅର୍ଥାତ ଈଶ୍ୱର) ଲୋକମାନଙ୍କୁ କୁକୁର ଓ ମେଣ୍ଢାମାନଙ୍କ ପରି ମରିଗେଲ ସୁଧା ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ ।**

## ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

### ଦୁଆ (ପ୍ରାର୍ଥନା)ର ବାସ୍ତବିକତା

ଦୁଆ (ପ୍ରାର୍ଥନା) ବିଷୟରେ ଲେଖିବା ପାଇଁ ପୁଣି ଭିଷଣ ଆବଶ୍ୟକତା ରହିଛି । ପୂର୍ବରୁ ଏହି ବିଷୟବସ୍ତୁ ଉପରେ ଲେଖାଯାଇଥିବା ଆଲେଖ୍ୟଗୁଡ଼ିକ ପର୍ଯ୍ୟାପ୍ତ ନୁହେଁ । ଦୁଆ ହେଉଛି ଏକ ଅତି ସୂକ୍ଷ୍ମ ବିଷୟ । ତା ପାଇଁ ଏ ସର୍ତ୍ତ ରହିଛି ଯେ ଦୁଆ ଅନୁରୋଧକାରୀ ଓ ଦୁଆ (ପ୍ରାର୍ଥନା) କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଥିବା ସମ୍ପର୍କ ଏତେ ମଜ୍‌ଭୁତ୍ ଥିବ ଯେ ଜଣଙ୍କର ବେଦନା ଆରଜଣଙ୍କ ପାଇଁ ବେଦନା ଓ ଜଣଙ୍କର ଖୁସି ଆରଜଣଙ୍କ ପାଇଁ ଖୁସି ହେଉଥିବ । ଯେମିତି ଗୋଟିଏ କ୍ଷୀରପାନ କରୁଥିବା ଶିଶୁର କ୍ରନ୍ଦନ ତା' ମାଆକୁ ଅସହାୟ ଓ ଅସ୍ଥିର କରିଦେଇଥାଏ ଫଳତଃ ମାଆର ଛାତିରୁ କ୍ଷୀର ଝରିଆସେ । ସେହିଭଳି ଅନୁରୋଧକାରୀର ଅବସ୍ଥା ଓ ରୋଦନକୁ ଦେଖି ଦୁଆ କରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ତରଳି ଯାଇ ତା ପାଇଁ ସାହାସ ବାନ୍ଧିଥାଏ ।

### ପ୍ରାର୍ଥନାରେ ଧ୍ୟାନ ଏବଂ ବିନମ୍ରତାର ଭାବନା ପରମେଶ୍ୱରଙ୍କଠାରୁ ପ୍ରାପ୍ତ ହୋଇଥାଏ

ପ୍ରତିଶ୍ରୁତ ମସିହ୍ ଆ:ସ କହିଲେ: ପ୍ରକୃତ କଥା ହେଉଛି ଏହା କି ସକଳ ବସ୍ତୁ ସର୍ବଶକ୍ତିମାନ ପରମେଶ୍ୱରଙ୍କ ନିକଟରୁ ଉପହାର ଆକାରରେ ମିଳିଛି । ମନୁଷ୍ୟର ନିଜସ୍ୱ ଉଦ୍ୟମ ଦ୍ୱାରା ନୁହେଁ । ପ୍ରାର୍ଥନାରେ ଧ୍ୟାନ ଓ ବିନମ୍ରତାର ଭାବନା ମଧ୍ୟ ଈଶ୍ୱରଙ୍କ ନିକଟରୁ ପ୍ରାପ୍ତ ହୋଇଥାଏ । ଈଶ୍ୱର ଯେତେବେଳେ ଇଚ୍ଛା କରିଥାନ୍ତି ସେତେବେଳେ ସେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ନିମନ୍ତେ ସଫଳତାର ମାର୍ଗ ଖୋଲି ଦେଇଥାନ୍ତି । କିନ୍ତୁ ସ୍ୱଷ୍ଟ ପ୍ରଣାଳୀରେ ଏହା ଜରୁରୀ ହୋଇଥାଏ ଯେ ଦୁଆ କରୁଥିବା ବ୍ୟକ୍ତିଙ୍କୁ କୌଣସି ଉତ୍ସାହ ଏକ ପ୍ରକାର ଶକ୍ତିଶାଳୀ ଗତି ଦେଇପାରୁଥିବ । ଏହା ସେତେବେଳେ ସମ୍ଭବ ଯେତେବେଳେ ପ୍ରାର୍ଥନା ପାଇଁ ଅନୁରୋଧ କରୁଥିବା ବ୍ୟକ୍ତି ନିଜକୁ ଏପରି ପରିବର୍ତ୍ତନ କରିଦେବ ଯେ ପ୍ରାର୍ଥନା କରୁଥିବା ବ୍ୟକ୍ତି ବିଶେଷ ବ୍ୟାକୁଳ ହୋଇ ତା' ପ୍ରତି ଧ୍ୟାନ ଆକର୍ଷଣ କରିବେ ।

### ଦୁଆ ଓ ଧର୍ମ ସେବା

ଏପରି ଅବସ୍ଥା ଯାହା ମୋ ଧ୍ୟାନକୁ ଆକର୍ଷଣ କରିଥାଏ ଓ ଯାହାକୁ ଦେଖି ମୁଁ ମୋ ଭିତରେ ଦୁଆ କରିବା ପ୍ରତି ପ୍ରେରଣା ପାଇଥାଏ, ତାହା ହେଉଛି ଗୋଟିଏ କଥା ଅର୍ଥାତ ଯେତେବେଳେ ମୁଁ ଜାଣିଥାଏ ଯେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଧର୍ମସେବାରେ ନିୟୋଜିତ ରହିଛି ଏବଂ ତାହାର ଅସ୍ତିତ୍ୱ ଈଶ୍ୱରଙ୍କ ପାଇଁ, ଈଶ୍ୱରଙ୍କ ଦୂତଙ୍କ ପାଇଁ, ଈଶ୍ୱରଙ୍କ ପୁସ୍ତକ ପାଇଁ ଏବଂ ଈଶ୍ୱରଙ୍କ ଭକ୍ତମାନଙ୍କ ପାଇଁ ହିତକାରୀ ହୋଇଥାଏ । ଏହିପରି ବ୍ୟକ୍ତି ଯେଉଁ ଯନ୍ତ୍ରଣା ଅନୁଭବ କରିଥାଏ ବାସ୍ତବିକ ସେହିପରି ଯନ୍ତ୍ରଣା ମୁଁ ମଧ୍ୟ ଅନୁଭବ କରିଥାଏ । ଆମ ବନ୍ଧୁମାନେ ନିଜ ହୃଦୟ ଭିତରେ ଏ ସଂକଳ୍ପ ନେବା ଉଚିତ ଯେ, ଯେଉଁ ଶୈଳୀରେ ହେଉ ବା ଯେଉଁ ପ୍ରକାରରେ ହେଉ, ଯିଏ ଯେତିକି ପାରୁଛି ସେତେ ଧର୍ମ ସେବା କରିଚାଲନ୍ତୁ ।

ମୁଁ ସତ୍ୟ କହୁଅଛି ଯେ ଈଶ୍ୱରଙ୍କ ଦୃଷ୍ଟିରେ ସମ୍ମାନସ୍ପଦ ବ୍ୟକ୍ତି ହେଉଛି ସେ ଯିଏ ଧର୍ମର ସେବକ ଓ ମାନବଜାତି ପାଇଁ ହିତକାରୀ । ଅନ୍ୟଥା ସେ (ଅର୍ଥାତ ଈଶ୍ୱର) ଲୋକମାନଙ୍କୁ କୁକୁର ଓ ମେଣ୍ଢାମାନଙ୍କ ପରି ମରିଗେଲ ସୁଧା ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୯୫-୨୯୩ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)***

**ବଡ଼ ଦୁଃଖର ବିଷୟ ଏହାକି ମୁସଲମାନମାନେ ମଧ୍ୟ ଏ ଯୁଗରେ ଏପରି କହିବା ଆରମ୍ଭ କରିଦେଇଛନ୍ତି ଓ ହଜ୍‌ରତ୍ ମସିହ୍‌ଙ୍କୁ ପକ୍ଷୀମାନଙ୍କର ସୃଷ୍ଟିକର୍ତ୍ତା ରୂପେ ଅଭିହିତ କରିଛନ୍ତି ।**

**ଦୁଃଖର ବିଷୟ ଯେ ଯେଉଁ କଥାର ସାହସ ମକ୍କାର ମୁଶ୍‌ରିକ୍ ମାନଙ୍କୁ ନଥିଲା ସେହି କାମକୁ ମୁସଲମାନମାନେ କେଡ଼େ ସାହାସର ସହିତ କରିଲେ, ଏକଥା ଭାବିଲେ ନାହିଁ ଯେ ଏହି ଭିତିହୀନ ଦାବିକୁ କିଏ ଗ୍ରହଣ କରିବ ?**

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ରାଆଦ୍ ର ଆୟତ ନଂ-୧୭୨ର ବ୍ୟାଖ୍ୟା କରି କହୁଛନ୍ତି:

ଈଶ୍ୱରଙ୍କର ଏହା ଅଦ୍ଭୁତ କାର୍ଯ୍ୟ ଯେ ଯେଉଁ ଲୋକମାନଙ୍କୁ ଏ ସଂସାରବାସୀ ଈଶ୍ୱର ରୂପେ ମଣିଛନ୍ତି, ସେହି ଲୋକମାନଙ୍କର ଜୀବନ ଦୁଃଖ ଓ ଦୁର୍ଦ୍ଦଶାରେ ବିତିଛି । ହଜ୍‌ରତ୍ ମସିହ୍‌ଙ୍କୁ ଦେଶ ଛାଡ଼ିବାକୁ ପଡ଼ିଲା ଏବଂ ବିଭିନ୍ନ ଦୁଃଖକଷ୍ଟ ସହିବାକୁ ପଡ଼ିଲା । ହଜ୍‌ରତ୍ ହୁସୈନ୍ ର:ଅଙ୍କୁ ତ' ଶହୀଦ୍ କରିଦିଆଗଲା । ରାମଚନ୍ଦ୍ରଜୀ ମଧ୍ୟ ଯନ୍ତ୍ରଣା ଭୋଗିଲେ । **ଲା ୟମ୍‌ଲିକୁନା ଲିଅନ୍‌ଫୁସିହିମ୍** ରେ ବତାଯାଇଛି ଯେ, ଯେଉଁଠି ଏମାନେ ନିଜ ଜୀବନକୁ ସୁରକ୍ଷିତ ରଖିପାରିଲେ ନାହିଁ ସେଠାରେ ତୁମକୁ କଣ ଲାଭ ପହଂଚାଇବେ । **ହଲ୍ ୟସ୍‌ତୱିଲ୍ ଆମା ୱଲ୍‌ବସିରୁ** ଅର୍ଥାତ କଣ ଜଣେ ଆଖିଥିବା ଲୋକ ଓ ଜଣେ ଅନ୍ଧ କେବେ ସମାନ ହୋଇପାରିବେ ? ଅର୍ଥାତ ତୁମେମାନେ ନିଜର

## ନବୀ ସ:ଆ:ସଙ୍କ ବାଣୀ

### ଯନାଜାଃର ସମ୍ମାନ, ତାହା ଅଣମୁସଲମାନ ବ୍ୟକ୍ତିଙ୍କର ହୋଇଥିଲେ ମଧ୍ୟ

(୧୩୧୧) ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ କହିଲେ କି ଆମ ସମ୍ମୁଖରେ ଏକ ଯନାଜାଃ (ଶବ ସତ୍କାର ପାଇଁ) ଯାଉଥିଲା । ନବୀ ସ:ଆ:ସ ତାହାର ସମ୍ମାନରେ ଛିଡ଼ା ହୋଇଗଲେ ଓ ଆମେମାନେ ମଧ୍ୟ ଛିଡ଼ାହୋଇଗଲୁ । ଆମେ କହିଲୁ: ହେ ଅଲ୍ଲାଃଙ୍କ ରସୁଲ୍ ! ଏହା ତ' ଜଣେ ଇହୁଦୀର ଯନାଜାଃ(ଶବ) । ଏହା ଶୁଣି ମହାଭାଗ ସ:ଆ:ସ କହିଲେ: ଯେବେ ତୁମେ କୌଣସି ଯନାଜାଃକୁ ଦେଖ ତା'ହେଲେ ( ତାହାର ସମ୍ମାନରେ) ଛିଡ଼ା ହୋଇଯାଅ ।

(୧୩୧୨) ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବି ଲୈଲାଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ସହଲ୍ ର:ଅ ବିନ୍ ହନିଫ୍ ଏବଂ ହଜ୍‌ରତ୍ କୈସ୍ ର:ଅ ବିନ୍ ସାଆଦ୍ ଦୁଇଜଣଯାକ କାଦିସିୟଠାରେ ବସିଥିଲେ, ଏତିକି ବେଳେ ସେମାନଙ୍କ ନିକଟ ଦେଇ (ଲୋକମାନେ) ଗୋଟିଏ ଯନାଜାଃ ନେଇ ଗଲେ । ସେହି ଦୁଇଜଣଯାକ ଛିଡ଼ା ହୋଇଗଲେ । ସେମାନଙ୍କୁ କୁହାଗଲା: ଏହି ଯନାଜାଃଟି ହେଉଛି ଏହି ଦେଶର ବାସିନ୍ଦା ଅର୍ଥାତ ଜିମ୍ମିମାନଙ୍କ ମଧ୍ୟରୁ ଗୋଟିଏ ଲୋକର । ସେମାନେ କହିଲେ: ନବୀ ସ:ଆ:ସଙ୍କ ନିକଟରେ ଏକ ଯନାଜାଃ ଗଲା, ଆପଣ ସ:ଆ:ସ ଛିଡ଼ା ହୋଇଗଲେ । ଆପଣ ସ:ଆ:ସଙ୍କୁ କୁହାଗଲା: ଏହି ଯନାଜାଃଟି ଜଣେ ଇହୁଦୀଙ୍କର ଆପଣ ସ:ଆ:ସ କହିଲେ: କଣ ତା ମଧ୍ୟରେ ଆତ୍ମା ନାହିଁ ?

**(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଯନାଇଜ୍, ମୁଦ୍ରଣ ୨୦୦୬ କାଦିଆନ୍)**

ପ୍ରଚୁରତା ପାଇଁ ଗର୍ବ କରୁଛ କିନ୍ତୁ ଏକଥା ତ ଚିନ୍ତା କରି ଦେଖ ଯେ କଣ ସର୍ବଦା ପ୍ରଚୁରତା ଉପଯୋଗୀ ହୋଇଥାଏ ? ଅନେକ ଅନ୍ଧ ଲୋକଙ୍କ ସମାବେଶ ଶକ୍ତିର ପ୍ରତୀକ ହୋଇଥାଏ ବା ଦୁର୍ବଳତାର ? ଆଖି ରଖିଥିବା ଜଣେ ବ୍ୟକ୍ତି ହଜାର ହଜାର ଅନ୍ଧଲୋକଙ୍କ ଉପରେ ବିଜୟ ପ୍ରାପ୍ତ କରିଥାଏ । ସେହିଭଳି ଏହି ନବୀ ଓ ତାହାଙ୍କ ଅନୁଯାୟୀମାନଙ୍କୁ ଈଶ୍ୱରଙ୍କ ତରଫରୁ ଜ୍ଞାନ ପ୍ରାପ୍ତ ହୋଇଥାଏ ଏବଂ ତୁମମାନଙ୍କ ଯୋଜନା ଏବଂ କୌଶଳ ସମ୍ବନ୍ଧରେ ଈଶ୍ୱରଙ୍କ ଐଶିବାଣୀ ସେମାନଙ୍କୁ ଅବଗତ କରାଇଦିଏ । ସୁତରାଂ ଏହାର ଉଦାହରଣ ହେଉଛି ଆଖି ରଖିଥିବା ଲୋକମାନଙ୍କର ଉଦାହରଣ । କିନ୍ତୁ ତୁମକୁ ଜଣାନାହିଁ ଯେ ତା' ତରଫରୁ କଣ ସବୁ ଯୋଜନା ଚାଲିଛି କାରଣ ତାହାର ସମର୍ଥନ ପାଇଁ ଅଧିକାଂଶ ଚେଷ୍ଟା/ପ୍ରୟାସ ଈଶ୍ୱରଙ୍କ ତରଫରୁ ପ୍ରକୃତିର ଲୁକ୍କାୟିତ ପ୍ରଭାବ ଜରିଆରେ ସାଧିତ ହୋଇଥାଏ । ଯାହା ବିଷୟରେ ତୁମେ ସମ୍ପୂର୍ଣ୍ଣରୂପେ ଅଜ୍ଞ । ପୁଣି ଚିନ୍ତାକରି ଦେଖନ୍ତୁ ଯେ ତୁମେ ତାହାର ଓ ତା ସାଥିମାନଙ୍କର ମୁକାବିଲା/ପ୍ରତିଦ୍ୱନ୍ଦିତା କିପରି କରିପାରିବ । ଏମାନେ ଅଳ୍ପ ସଂଖ୍ୟକ ଥିଲେ କଣ ହେବ, ଏମାନେ ଆଖି ରଖିଥିବା ଲୋକେ ।

**ହଲ୍ ତସ୍‌ତୱିଜ୍ କୁଲୁମାତୁ ୱନ୍ ନୁର୍** । ସେହିଭଳି ଅଲ୍ଲାଃ ତାଲା କହିଲେ ଯେ ଅନ୍ଧକାର ଓ ଆଲୋକ ମଧ୍ୟରେ କୌଣସି ମୁକାବିଲା ନାହିଁ । ଅଳ୍ପ ଟିକିଏ ଆଲୋକ ସମ୍ପୂର୍ଣ୍ଣ କୋଠରୀର ଅନ୍ଧକାରକୁ ଶେଷ କରିଦେଇଥାଏ । ଅନ୍ଧକାର ହେଉଛି ଆଲୋକ ନଥିବାର ନାମ ଏବଂ ଜ୍ୟୋତି ହେଉଛି ଅସ୍ତିତ୍ୱର । ଏବଂ ଅସ୍ତିତ୍ୱ ସମ୍ମୁଖରେ ଅନସ୍ତିତ୍ୱର ସ୍ଥିତି ହିଁ କଣ ? ଅର୍ଥାତ ତୁମ ନିକଟରେ ଐଶ୍ୱରୀୟ ଶିକ୍ଷା ନାହିଁ, ତା ନିକଟରେ ଅଛି ? ଅତଏବ ତୁମର ଓ ତାହା ମଧ୍ୟରେ କଣ ମୁକାବିଲା ହେବ । ତାହାର ଶିକ୍ଷାର ମୂଳଦୁଆ ସତ୍ୟ ଉପରେ ଆଧାରିତ ଯେବେ କି ତୁମର ଶିକ୍ଷାର ମୂଳଦୁଆ କେବଳ ମୂର୍ଖାମୀ ଓ ଅସ୍ୱୀକାର ଉପରେ ଆଧାରିତ ।

**ଅମ୍ ଜାଆଲୁ ଲିଲ୍ଲାହି ଶୁରକାଆ ଖଲକୁ କଖଲ୍‌କିହି ଫତଶାବହଲ୍ ଖଲ୍‌କୁ ଆଲୈକୁମ୍** । ଏକଥା ମୁଶ୍‌ରିକ୍‌ମାନଙ୍କ ସମ୍ମୁଖରେ ଏକ ଆପତି ଭାବରେ ଉପସ୍ଥାପନ କରାଗଲା ଅର୍ଥାତ ତୁମେମାନେ ମୁଶ୍‌ରିକ୍ ହେବା ସତ୍ୱେ ମଧ୍ୟ ଏହା କହିବାକୁ ସାହାସ କରୁନାହିଁ ଯେ ତୁମର ସେହି ମିଥ୍ୟା ଈଶ୍ୱରମାନେ ଏପରି କିଛି ସୃଷ୍ଟି କରିଛନ୍ତି ଓ ତାହା ଈଶ୍ୱରଙ୍କ ସୃଷ୍ଟି ସହିତ ସମାନ । ଅତଃ ମକ୍କାର ମୁଶ୍‌ରିକ୍‌ମାନେ ଏହା କହିବା ପାଇଁ ସାହାସ କରିପାରିଲେ ନାହିଁ । ଯଦିଓ ଅନ୍ୟ କିଛି ଦେଶର ମୁଶ୍‌ରିକ୍‌ମାନେ ନିଜ ନିଜର ଠାକୁରଙ୍କ ସମ୍ବନ୍ଧରେ ଏପରି ଦାବି ମଧ୍ୟ ଉପସ୍ଥାପନ କରୁଛନ୍ତି । ବଡ଼ ଦୁଃଖର ବିଷୟ ଏହାକି ମୁସଲମାନମାନେ ମଧ୍ୟ ଏ ଯୁଗରେ ଏପରି କହିବା ଆରମ୍ଭ କରିଦେଇଛନ୍ତି ଓ ହଜ୍‌ରତ୍ ମସିହ୍‌ଙ୍କୁ ପକ୍ଷୀମାନଙ୍କର ସୃଷ୍ଟିକର୍ତା ରୂପେ ଅଭିହିତ କରିଛନ୍ତି । କିଛି ଲୋକ ତ ଏହା ମଧ୍ୟ କହିଦେଇଛନ୍ତି ଯେ ଏବେ ଏ କଥା ଜାଣିବା ବହୁତ ମୁସ୍କିଲ୍ ଯେ ଅଲ୍ଲାଃ ତାଲାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପକ୍ଷୀ କିଏ ଓ ହଜ୍‌ରତ୍ ମସିହ୍‌ଙ୍କ ଦ୍ୱାରା ବନାଯାଇଥିବା ପକ୍ଷୀ କିଏ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହା କହୁଥିଲେ ଯେ ମୁଁ ଜଣେ ମୌଲବୀଙ୍କୁ ପଚାରିଲି ଯେ ତୁମେ ଯେଉଁ ଦାବି କରୁଛ ଯେ ହଜ୍‌ରତ୍ ମସିହ୍ ନାସ୍‌ରି ଆ:ସ ପକ୍ଷୀ ସୃଷ୍ଟି କରୁଥିଲେ ବୋଲି । ବାସ୍ତବରେ କହନ୍ତୁ ସେ କଣ ଜିନିଷ ସୃଷ୍ଟି କରିଥିଲେ ? ସେ ଉତରରେ କହିଲେ ଯେ ବାଦୁଡ଼ି । ଯେତେବେଳେ ମୁଁ ତାଙ୍କୁ ପଚାରିଲି ଯେ ମସିହ ସୃଷ୍ଟି କରିଥିବା ବାଦୁଡ଼ିଗୁଡ଼ିକ କେଉଁମାନେ ? ସେହି ମୌଲବୀ ସାହେବ୍ କହିଲେ ଏବେ ଜଣାପଡୁନାହିଁ । ପଞ୍ଜାବୀ ଭାଷାରେ କହିଲେ ଯେ "ଓ ହୁନ୍ ରଲ ମଲ ଗୟାଁ ନେ" ଅର୍ଥାତ ଏବେ ତ ସେମାନେ ଖୁଦାତାଲାଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ବାଦୁଡ଼ିମାନଙ୍କ ସହିତ ମିଶି ଗଲେଣି ।

ଦୁଃଖର ବିଷୟ ଯେ ଯେଉଁ କଥାର ସାହସ ମକ୍କାର ମୁଶ୍‌ରିକ୍ ମାନଙ୍କୁ ନଥିଲା ସେହି କାମକୁ ମୁସଲମାନମାନେ କେଡ଼େ ସାହାସର ସହିତ କରିଲେ, ଏକଥା ଭାବିଲେ ନାହିଁ ଯେ ଏହି ଭିତିହୀନ ଦାବିକୁ କିଏ ଗ୍ରହଣ କରିବ ?

***(ତଫ୍‌ସୀର କବୀର, ଖଣ୍ଡ-୩, ପୃ-୪୦୨......୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଯେଉଁ ପ୍ରଥମ ମସ୍‌ଜିଦ୍‌ଟି ନିର୍ମାଣ ହୋଇଥିଲା ତାହା ୧୯୫୭ ମସିହା ଯୁଦ୍ଧ ପରେ ହିଁ ହେମ୍ବର୍ଗଠାରେ ନିର୍ମାଣ ହୋଇଥିଲା । ଠିକ୍ ୬୦ ବର୍ଷ ପୂର୍ବରୁ ଅର୍ଥାତ ୧୯୫୯ ମସିହାରେ ପୁଣି ଫ୍ରାଙ୍କଫର୍ଟଠାରେ ମଧ୍ୟ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରାଗଲା । ଏହା ଜର୍ମାନୀରେ ନିର୍ମାଣ ହୋଇଥିବା ଏପରି ଦୁଇଟି ପ୍ରଥମ ମସ୍‌ଜିଦ୍ ଯାହା ଯୁଦ୍ଧ ପରେ ନିର୍ମାଣ ହୋଇଛି । ଆଜି ଯମାତ୍ ଅହେମଦୀୟା ଜର୍ମାନୀର ସଦସ୍ୟମାନଙ୍କ ସଂଖ୍ୟା ପାଖାପାଖି ୫୦ ହଜାର ଏବଂ ଜର୍ମାନୀରେ ୨୫୫ ଟି ଯମାତ୍ ସ୍ଥାନୀୟ ଭାବରେ ରହିଛି । ଯମାତ୍‌ର ସଦସ୍ୟମାନେ ସ୍ଥାନୀୟ ଇଲାକାରେ ବିଭିନ୍ନ ପ୍ରକାରର ସମାଜ ସେବା କରୁଛନ୍ତି ଏବଂ Inter religious Dialog ରେ ଭାଗ ନେଉଛନ୍ତି । ସେହିଭଳି ବିଭିନ୍ନ ପ୍ରୋଗ୍ରାମ ଅନୁଷ୍ଠିତ କରୁଛନ୍ତି । ଉଦାହରଣ ସ୍ୱରୂପ ନୂଆ ବର୍ଷର ଆରମ୍ଭରେ ୱାକାରେ ଅମଲ, ରକ୍ତଦାନ ଶିବିର, ଚ୍ୟାରିଟି ୱାର୍କ ଏବଂ ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟ କରୁଛନ୍ତି । ଏତଦ୍ ବ୍ୟତିତ ୨୦୦୮ ମସିହାରେ ଯାମିୟା ଅହେମଦୀୟା ଜର୍ମାନୀ ସ୍ଥାପନ ହେଲା ଓ ଏହା ମୁବଲ୍ଲିଗମାନଙ୍କୁ ପ୍ରସ୍ତୁତ କରାଉଥିବା ଜର୍ମାନୀର ପ୍ରଥମ ଅନୁଷ୍ଠାନ । ଏହି ସାତ ବର୍ଷୀୟ ପାଠ ପଢ଼ାକୁ ଏ ପର୍ଯ୍ୟନ୍ତ ପ୍ରାୟ ୬୦ ଜଣ ଯୁବକ ସମ୍ପୂର୍ଣ୍ଣ କରିସାରିଛନ୍ତି । ଏତଦ୍ ବ୍ୟତିତ ଏକ ବର୍ଷ ପୂର୍ବେ ଗୋଟିଏ ୱେଲ୍‌ଫେୟାର ଅର୍ଗାନାଇଜେସନ୍ ପ୍ରତିଷ୍ଠା କରାଯାଇଅଛି ଓ ତାହା ଜରିଆରେ ରିଫ୍ୟୁଜି, ହୋମ୍‌ଲେସ୍ ଏବଂ କିଣ୍ଡରଗାର୍ଟେନର ସାହାଯ୍ୟ ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରାଯାଉଅଛି ।

ଅମୀର ସାହେବ ବତାଇଲେ ଯେ, ଅହେମଦୀୟା ମୁସଲିମ୍ ଯମାତ୍ ଦେଶର ସମସ୍ତ ଆଇନକାନୁନ୍‌କୁ ମାନି ଚଳିବାପାଇଁ ନିଜର କର୍ତବ୍ୟ ଭାବରେ ଜାଣିଥାଏ । ଯମାତ୍‌ର ସଦସ୍ୟମାନଙ୍କ ପାଇଁ ଏବେ ଜର୍ମାନୀ ତାଙ୍କ ନିଜର ଦେଶ ହୋଇସାରିଛି କାରଣ ସେମାନଙ୍କର ବର୍ତମାନ ଅନେକ ପିଢ଼ି ଏଠି ଜର୍ମାନୀରେ ବସବାସ କରୁଛନ୍ତି ।

⌘⌘⌘⌘⌘⌘⌘⌘⌘⌘

## ତହ୍‌ରିକ୍-ଏ-ଜଦିଦ୍ ଚାନ୍ଦା ସମ୍ପୂର୍ଣ୍ଣ ରୂପେ ପଇଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ

ଯେମିତି କି ଜମାତ୍‌ର ସଦସ୍ୟମାନେ ଏ କଥା ଜାଣିଛନ୍ତି ଯେ ତହ୍‌ରିକ୍-ଏ-ଜଦିଦ୍‌ର ଚଳିତ ବର୍ଷରୁ ଛଅ ମାସ ବିତିଗଲାଣି । ୱକାଲତେ ମାଲ୍‌ଙ୍କ ସମୀକ୍ଷା ମୁତାବକ ଏ ପର୍ଯ୍ୟନ୍ତ ଅନେକ ୱାଦା (ଅର୍ଥାତ ପ୍ରତିଜ୍ଞା) କରିଥିବା ଲୋକମାନଙ୍କର ଚାନ୍ଦା ପଇଠ ହେବାକୁ ବାକି ଅଛି । ହିନ୍ଦୁସ୍ଥାନର ସମସ୍ତ ଜିଲ୍ଲା ଅମୀର, ସ୍ଥାନୀୟ ଅମୀର ଏବଂ ସଦର୍ ସାହେବ ଓ ତହ୍‌ରିକ୍-ଏ-ଜଦିଦ୍‌ର ସେକ୍ରେଟାରୀ ସାହେବମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ସ୍ଥାନୀୟ ମୁବଲ୍ଲିଗୀନ୍ ଓ ମୁଅଲ୍ଲମୀନ୍ ସାହେବମାନଙ୍କ ସାହାଯ୍ୟ ଓ ସହଯୋଗ ନେଇ ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପଇଠ କରିବା ସମ୍ବନ୍ଧରେ ''ହଫ୍‌ତା ମାଲ୍ ତହ୍‌ରିକ୍-ଏ-ଜଦିଦ୍'' ପାଳନ କରନ୍ତୁ ଫଳତଃ ସୟଦନା ହଜୁର ଅନୱରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମୁତାବକ ବରଂ ତା'ଠାରୁ ଅଧିକା ଅସୁଲ୍ କରିବାପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇପାରିବ । ଆମିନ୍ !

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି: ''ଏକଥା ଭାବ ନାହିଁ ଯେ ତହ୍‌ରିକ୍-ଏ-ଜଦିଦ୍ ମୋ ତରଫରୁ ଧାର୍ଯ୍ୟ କରାଯାଇଅଛି, ନୁହେଁ ବରଂ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ମୁଁ ପବିତ୍ର କୁରଆନ୍‌ରୁ ପ୍ରମାଣ କରିପାରେ ଓ ଗୋଟିଏ ଗୋଟିଏ ନିର୍ଦ୍ଦେଶକୁ ରସୁଲେ କରିମ୍ ସ:ଆ:ସଙ୍କ ଆଦେଶାବଳୀରୁ ଦେଖାଇ ପାରିବି କିନ୍ତୁ ଚିନ୍ତା କରୁଥିବା ମସ୍ତିଷ୍କ ଓ ବିଶ୍ୱାସୀ ହୃଦୟର ଆବଶ୍ୟକ ରହିଛି । ଅତଏବ ଏକଥା ଭାବନାହିଁ ଯେ ଯାହା ମୁଁ କହିଲି ତାହା ମୋ ତରଫରୁ ବରଂ ସେ କହିଛି ଯାହା ହାତରେ ତୁମର ଜୀବନ ରହିଛି । ମୁଁ ଯଦି ମରି ଯାଏ, ତା'ହେଲେ ମଧ୍ୟ ସେ ଅନ୍ୟ ଦ୍ୱାରା ଏହା କୁହାଇବେ ଓ ତାଙ୍କ ମୃତ୍ୟୁ ପରେ ଆଉ କାହା ଦ୍ୱାରା । ଯାହା ବି ହେଉ ସେ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ଏହାକୁ ସମ୍ପୂର୍ଣ୍ଣ ରୂପେ ଅନୁସରଣ ନ କରିଛ'' ।

**(ଖୁତ୍‌ବା ଜୁମା ପ୍ରଦତ ୧୩ ଡ଼ିସେମ୍ବର ୧୯୩୫ ଖ୍ରୀଷ୍ଟାବ୍ଦ ବହ୍‌ୱାଲା ଅଲ୍‌ଫଜଲ୍ ୨୧ ଡ଼ିସେମ୍ବର ୧୯୩୫)**

ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପ୍ରଦାନ କରୁଥିବା ନିଷ୍ଠାପର ବ୍ୟକ୍ତିମାନଙ୍କ ଧନ ଓ ଜନରେ ଅଲ୍ଲାଃ ତାଲା ଅସାଧାରଣ ବର୍‌କତ୍ ପ୍ରଦାନ କରନ୍ତୁ । ଆମିନ୍ ।।

**(ୱକିଲୁଲ୍ ମାଲ୍ ତହ୍‌ରିକ୍-ଏ-ଜଦିଦ୍ କାଦିୟାନ୍)**

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଆମକୁ ଏହି ପବିତ୍ର ରମ୍‌ଜାନ୍ ମାସର ଶେଷ ଦଶ ଦିନ ବିଶେଷ ରୂପେ ନିଜର ଉପାସନାକୁ ସଠିକ୍ ରୂପେ ନିର୍ବାହ କରିବାପାଇଁ, ଦରୁଦ୍ ଏବଂ ଇସ୍ତେଗ୍‌ଫାର୍ କରିବା ପାଇଁ, ତୌବାଃ କରିବା ପାଇଁ, ପ୍ରାର୍ଥନା କରିବା ପାଇଁ, ଅଲ୍ଲାଃ ତାଲାଙ୍କ ଉପାସନା କରିବାର ହକ୍‌କୁ ପ୍ରଦାନ କରିବାପାଇଁ ଏବଂ ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟକୁ ସମ୍ପାଦନ କରିବାପାଇଁ ଅଧିକରୁ ଅଧିକ ଧ୍ୟାନ ଦେବା ଉଚିତ ଫଳତଃ ଆମେ ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ ନର୍କାଗ୍ନୀରୁ ବଂଚିପାରିବା ।

ଆମର ସମସ୍ତ କାର୍ଯ୍ୟ, ଆମର ସମସ୍ତ କର୍ମ ଓ ସ୍ଥିରତା ଆମର ସେହି ଦାବିକୁ ପ୍ରତିଫଳିତ କରୁଥିବ ଯେ ଆମେ ହେଉଛ ସେହି ମସିହ୍ ମଉଦ୍ ଏବଂ ମେହେଦୀ ମାହୁଦ୍‌ଙ୍କୁ ମାନିବାବାଲା, ଯାହାଙ୍କ ସମ୍ବନ୍ଧରେ ଆକାଶରେ ଦେବଦୂତମାନେ ମଧ୍ୟ ଏକଥା କହିଥିଲେ ଯେ ଇଏ ହେଉଛନ୍ତି ସେହି ବ୍ୟକ୍ତି ଯିଏ ରସୁଲୁଲ୍ଲାଃ ସ:ଆ:ସଙ୍କୁ ସମସ୍ତଙ୍କଠାରୁ ଅଧିକ ଭଲ ପାଉଛନ୍ତି ।

ଆଜି ପୃଥିବୀରେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହ୍‌ମଦ୍ କାଦିଆନି ମସିହ୍ ମଉଦ୍ ଏବଂ ମେହେଦୀ ମାହୁଦ୍ ଆ:ସଙ୍କର ଯେଉଁ ପଦମର୍ଯ୍ୟାଦା ଓ ସମ୍ମାନ ରହିଛି, ତାହା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଦାସତ୍ୱ ଯୋଗୁଁ, ଆପଣ ସ:ଆ:ସଙ୍କ ସହିତ ଥିବା ପ୍ରେମ ଯୋଗୁଁ ଓ ଆପଣ ସ:ଆ:ସଙ୍କ ସଚ୍ଚା ପ୍ରେମୀ ହେବା ଯୋଗୁଁ ହୋଇପାରିଛି ।

ଆମେ ପ୍ରତ୍ୟେକ ଅବସରରେ ଯେଉଁ ଶପଥ / ପ୍ରତିଜ୍ଞା କରୁଅଛେ ଯେ ଆମେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବୁ । କଣ ଆମର ଏହି କର୍ତବ୍ୟ ବହୁତ ଗୁରୁ ଦାୟିତ୍ୱ ନୁହେଁ କି ଆମେ ଏହି ''ମୁହ୍‌ୟି'' (ଅର୍ଥାତ ଆଧ୍ୟାତ୍ମିକ ଜୀବନ ପ୍ରଦାନକାରୀ)ଙ୍କ ମିଶନ୍‌କୁ ଆଗକୁ ବଢ଼ାଇ, ନିଜର ପ୍ରତିଜ୍ଞାକୁ ପୂରଣ କରି, ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଦରୁଦ୍ ଓ ସଲାମ୍ ପ୍ରେରଣ କରି ଏହି ମସିହ୍ ଓ ମେହେଦୀଙ୍କର ସହାୟକ ଏବଂ ସାହାଯ୍ୟକାରୀ ହେବା ।

ଦରୁଦ୍‌ର ପ୍ରକୃତ ଜ୍ଞାନ ଯଦି କିଏ ଆଜି ଦୁନିଆକୁ ଦେବ ତା'ହେଲେ ସେ ହେଉଛନ୍ତି ଅହେମଦୀ । ତେଣୁ ଏହି ରମ୍‌ଜାନ୍‌ରେ ଯେଉଁଠି ଦରୁଦ୍ ପଢ଼ିବା ପ୍ରତି ଅଧିକା ଧ୍ୟାନ ଦେବେ ସେଠାରେ ନିଜ ମଧ୍ୟରେ ସେହି ପବିତ୍ର ପରିବର୍ତନ ମଧ୍ୟ ସୃଷ୍ଟି କରିବାପାଇଁ ଚେଷ୍ଟା କରନ୍ତୁ ଯାହା ଏହି ଦରୁଦ୍‌ର ଗ୍ରହଣୀୟ ହେବା ପାଇଁ ଜରୁରୀ

ଅଲ୍ଲାଃ ତାଲାଙ୍କ ମଗ୍‌ଫିରତ୍ (କ୍ଷମା)ର ଦ୍ୱାର ଖୋଲା ରହିଛି । ହଁ ଏହା ଜରୁରୀ ଯେ ମଣିଷ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟବାନ ଥିବା ଅବସ୍ଥାରେ ତୌବାଃ କରୁ ନା କି ଶେଷ ନିଶ୍ୱାସ ତ୍ୟାଗ କରୁଥିବା ସମୟରେ ।

ପବିତ୍ର ରମ୍‌ଜାନ୍ ଏବଂ ବିଶେଷ ରୂପେ ମାସର ଶେଷ ଦିଗ ଦିନକୁ ଆଖି ଆଗରେ ରଖି ଦରୁଦ୍ ଶରିଫ୍ ଏବଂ ତୌବାଃ ଓ ଇସ୍‌ତିଗ୍‌ଫାର୍‌ର ଗୁରୁତ୍ୱର ବର୍ଣ୍ଣନା ଏବଂ ତାହାକୁ ବାରମ୍ବାର ପାଠ କରିବାପାଇଁ ଉପଦେଶ ପାକିସ୍ତାନରେ ଜମାତ୍ ଅହେମଦୀୟାର ବିରୋଧକୁ ଦୃଷ୍ଟିରେ ରଖି ଅହେମଦୀମାନଙ୍କ ପାଇଁ ଏବଂ କରୋନା ମହାମାରୀରୁ ସୁରକ୍ଷିତ ରହିବାପାଇଁ ଦୁଆ କରିବାକୁ ଆହ୍ୱାନ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ୍: ୩୦ ଏପ୍ରିଲ୍ ୨୦୨୧ ଅନୁଯାୟୀ ୩୦ ଶାହାଦତ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଅଲ୍ଲାଃ ତାଲାଙ୍କ କୃପାରୁ ଆଜିକାଲି ଆମେମାନେ ପବିତ୍ର ରମ୍‌ଜାନ୍ ମାସ ଦେଇ ଗତି କରୁଅଛେ ଏବଂ ଶେଷ ଦଶ ଦିନରେ ପ୍ରବେଶ କରବାକୁ ଯାଉଛେ । ଏହି ଶେଷ ଦଶ ଦିନ ସମ୍ପର୍କରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଛନ୍ତି: ଯେ ଅଲ୍ଲାଃ ତାଲା ଏହି ଅନ୍ତିମ ପ୍ରର୍ଯ୍ୟାୟରେ ସୁଦ୍ଧପୁତ ମାନଙ୍କୁ ନର୍କାଗ୍ନୀରୁ ମୁକ୍ତି ପ୍ରଦାନ କରିଥାନ୍ତି ।

***(କନଜୁଲ୍ ଅମାଲ, ଖଣ୍ଡ-୮, ପୃ-୪୬୩, ହଦିସ୍-୨୩୬୬୮..... ବେରୁତ ୧୯୮୫)***

ଅତଏବ ଆମମାନଙ୍କୁ ଏହି ଦିନରେ ବିଶେଷ ରୂପେ ନିଜର ଉପାସନାକୁ ସୁନ୍ଦର ଓ ସୁସଜ୍ଜିତ କରିବା, ଦରୁଦ୍ ଶରିଫ୍ ପାଠ କରିବା, ତୌବା ଇସ୍ତେଗ୍‌ଫାର୍ କରିବା ଏବଂ ସେହିପରି ଭକ୍ତମାନଙ୍କର ଅଧିକାରକୁ ସମ୍ପାଦନ କରିବାପାଇଁ ଅଧିକରୁ ଅଧିକ ଧ୍ୟାନ ଦେବା ଉଚିତ ଯଦ୍ୱାରା ଆମେମାନେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରି ନର୍କାଗ୍ନୀରୁ ବଂଚିପାରିବା । ଆଁ ହଜ୍‌ରତ୍ ସ:ଆ:ସଙ୍କର ଆଦର୍ଶ କଣ ଥିଲା ? ଓ ରମ୍‌ଜାନ୍ ମାସର ଶେଷ ଦଶ ଦିନମାନଙ୍କରେ ମହାଭାଗ ସ:ଆ:ସଙ୍କର ଉପାସନାର ସ୍ତର କି ପ୍ରକାରର ଥିଲା ? ଆପଣ ସ:ଆ:ସଙ୍କର ସାଧାରଣ ଦିନ ମାନଙ୍କରେ ଉପାସନା କରିବାର ସ୍ତର ଏପରି ଥିଲା ଯେ ତାହା ଆମେ ଶବ୍ଦରେ ବର୍ଣ୍ଣନା କରିପାରିବୁନାହିଁ । ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି ଯେ:- ପବିତ୍ର ରମ୍‌ଜାନ୍ ମାସର ଶେଷ ଦଶ ଦିନରେ ହଜୁର ସ:ଆ:ସ ଏତେ ପ୍ରୟାସ ଓ ସାଧନ କରୁଥିଲେ ଯେ, ଅନ୍ୟ ଦିନମାନଙ୍କରେ ଏଭଳି କରୁନଥିଲେ । ***(ସହି ବୁଖାରୀ...... ରମ୍‌ଜାନ୍ ହଦିସ୍ ୨୦୨୪)***

ହଜୁର ସ:ଆ:ସ ବିଶ୍ୱାସକାରୀମାନଙ୍କ ପାଇଁ ସର୍ବୋଚ୍ଚ ଆଦର୍ଶ ଥିଲେ । ଅତଏବ ଆମମାନଙ୍କୁ ନିଜର ପ୍ରଚେଷ୍ଟା ଅନୁଯାୟୀ ଏହି ସର୍ବୋଚ୍ଚ ସ୍ତର ଓ ଆସନ ପର୍ଯ୍ୟନ୍ତ ପହଂଚିବାପାଇଁ ଚେଷ୍ଟା କରିବା ଉଚିତ । ଆମମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ, ଆମେମାନେ ଏହି ଦିନମାନଙ୍କରେ ଦୁଆ ପ୍ରତି ସର୍ବାଧିକ ପ୍ରୟାସ କରିବା । ବିଶେଷ କରି ଅହେମଦୀମାନଙ୍କୁ ଏଥିପ୍ରତି ଅଧିକରୁ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

ପାକିସ୍ତାନରେ ଏବଂ ଅନ୍ୟ ଇସ୍‌ଲାମୀୟ ରଷ୍ଟ୍ରମାନଙ୍କରେ ମଧ୍ୟ ଯମାତ୍ ବିରୁଦ୍ଧରେ ଷଡ଼ଯନ୍ତ୍ର ଓ ଉପଚେଷ୍ଟା ଚାଲିଛି । ଅଲ୍ଲାଃ ତାଲା ଶତୃର ଏହି ସମସ୍ତ ଅପଚେଷ୍ଟାଠାରୁ ଆମମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ସେହିପରି ଏହି ଭୁତାଣୁ ଜନିତ ମହାମାରୀ ରୋଗ ଯାହାକି ଦ୍ରୁତଗତିରେ ନିଜର କାୟା ବିସ୍ତାର କରିଚାଲିଛି ତହିଁରୁ ମଧ୍ୟ ଅଲ୍ଲାଃ ତାଲା ଆମମାନଙ୍କୁ ସୁରକ୍ଷିତ ରଖନ୍ତୁ ।

ଆମମାନଙ୍କର ଏହି ସୌଭାଗ୍ୟ ଯେ ଅଲ୍ଲାଃ ତାଲା ଆମମାନଙ୍କୁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମାଧ୍ୟମରେ ଦୁଆ କରିବାର ଶୈଳୀ ସମ୍ପର୍କରେ ସଠିକ୍ ଶିକ୍ଷା ପ୍ରଦାନ କରିଦେଇଛନ୍ତି । ଅତଏବ ଅଲ୍ଲାଃ ତାଲାଙ୍କର ପ୍ରଶଂସା ତଥା ମହିମା ଗାନ କରିବା ସହିତ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପାଇଁ ଦରୁଦ୍ ଶରିଫ୍ ପ୍ରେରଣ କରିବା ନିତ୍ୟାନ୍ତ ଆବଶ୍ୟକ । ଅନ୍ୟଥା ଦୁଆ ଆକାଶ ଓ ପାତାଳ ମଧ୍ୟରେ ଅଟକି ରହିଯାଇଥାଏ ***(ଜାମେ ତିର୍‌ମିଜି..... ହଦିସ୍ ୪୮୬)*** । ହଜୁର ସ:ଆ:ସ କୁହନ୍ତି: ମୋର ଉପରେ ଦରୁଦ୍ ଶରିଫ୍ ପ୍ରେରଣ କର ତୁମମାନଙ୍କ ଦ୍ୱାରା ମୋ ଉପରେ ଦରୁଦ୍ ଶରିଫ୍ ପ୍ରେରଣ କରିବା ସ୍ୱୟମଂ ତୁମମାନଙ୍କର ପବିତ୍ରତା ଓ ବିକାଶର ମାଧ୍ୟମ ଅଟେ । ***(କନଜୁଲ୍ ଆମାଲ୍, ଖଣ୍ଡ-୧, ପୃ-୨୪୯.... ରିୱାୟତ ନଂ-୨୧୬୪...... ବେରୁତ ୨୦୦୪)***

ଯେଉଁ ବ୍ୟକ୍ତି ନିଷ୍ଠାପର ହୃଦୟର ସହିତ ମୋ ଉପରେ ଦରୁଦ୍ ପାଠ କରିଥାଏ ଅଲ୍ଲାଃ

ତାଲା ସେହି ବ୍ୟକ୍ତି ଉପରେ ଦଶଥର ଦରୁଦ୍ ଶରିଫ୍ ପ୍ରେରଣ କରିଥାନ୍ତି ଏବଂ ତାହାର ଦଶଟି ପୂଣ୍ୟ ଲେଖାଯାଇଥାଏ । ***(କିତାବୁସ୍ ସୁନନ୍ ଅଲ୍‌କୁବ୍‌ରା ଲି ନସାଇ, ଖଣ୍ଡ-୬, ପୃ-୨୧-୨୨.... ରିଓ୍ୱାୟତ ନଂ-୯୮୯୨...... ବେରୁତ ୧୯୯୧)***

ପୁଣି ଆପଣ ସ:ଆ:ସ କହିଛନ୍ତି:- ଯେଉଁ ଲୋକ ମୋ ଉପରେ ଦରୁଦ୍ ଶରିଫ୍ ପ୍ରେରଣ କରିବା ଛାଡ଼ିଦିଏ, ସେ ବୈକୁଣ୍ଠର ମାର୍ଗକୁ ହଜାଇ ଦିଏ । ***(ସୁନନେ ଇବ୍‌ନେ ମାଜାଃ.... ହଦିସ୍ ୯୦୮)*** ଏହି ବର୍ଣ୍ଣନାଗୁଡ଼ିକରୁ ଦରୁଦ୍ ଶରିଫ୍‌ର ମହତ୍ୱ ସ୍ପଷ୍ଟ ହୋଇଯାଏ ଏବଂ ଆମେ ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଅନୁଗାମୀ ଓ ଆମେ ଏହି କଥାର ଦାବି କରିଥାଉ ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମାଧ୍ୟମରେ ହଜୁର ସ:ଆ:ସଙ୍କର ମର୍ଯ୍ୟାଦା ଓ ମହତ୍ୱକୁ ଆମେ ହୃଦୟଙ୍ଗମ କରୁଛେ । ଅତଏବ ଆମମାନଙ୍କର ଏହି କର୍ତବ୍ୟ ଯେ ଦରୁଦ୍‌ର ମହତ୍ୱକୁ ଉପଲବ୍ଧ କରିବା ଉଚିତ ଏବଂ କେବଳ ଏଥିସକାଶେ ଦରୁଦ୍ ଶରିଫ୍ ପଢ଼ିବା ନାହିଁ ଯେ ଏପରି କରିବା ଦ୍ୱାରା ଅଲ୍ଲାଃ ତାଲା ଆମର ଦୁଆକୁ ଶୁଣିବେ ଓ ତାହାକୁ ସ୍ୱୀକୃତି ପ୍ରଦାନ କରିବେ । ତାହା ନୁହେଁ ବରଂ ଏଥିପାଇଁ କରିବା ଯେ ସବୁବେଳ ପାଇଁ ପବିତ୍ରତା ଆମମାନଙ୍କ ଜୀବନର ଅଭିନ୍ନ ଅଙ୍ଗ ପାଲଟି ଯାଉ ଏବଂ ଏହି ଦରୁଦ୍ ମାଧ୍ୟମରେ ଆମେ ପ୍ରଭୁଙ୍କ ସାନ୍ନିଧ୍ୟତା ଲାଭ କରିପାରିବା ଏବଂ ଆମର ଭବିଷ୍ୟତ ଉଜ୍ଜଳମୟ ଓ ପବିତ୍ରକାରୀ ହୋଇ ଆମେ ଧାର୍ମିକ ଓ ଆଧାତ୍ମିକ ଉନ୍ନତି ହାସଲ କାରୀ ହୋଇପାରିବା । କେବଳ ଆମର ମୁହଁର ରଟନା ବା ଦାବି ଏହା ନ ହେଉ ଯେ, ଆମେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପ୍ରକୃତ ଦାସଙ୍କର ଅନୁଗାମୀ ଅଟୁ । ବରଂ ଆମର ପ୍ରତ୍ୟେକ ଅମଲ ପ୍ରତ୍ୟେକ କାର୍ଯ୍ୟ, ପ୍ରତ୍ୟେକ ହର୍‌କତ୍, ଆମର ଉଠିବା, ବସିବା ଆମର ସେହି ଦାବିକୁ ପ୍ରତିପାଦିତ କରୁଥିବ କି ଆମେ ସେହି ମସିହ୍ ଓ ମେହେଦୀଙ୍କୁ ମାନିଛୁ ଯେଉଁ ମସିହ୍ ଓ ମେହେଦୀଙ୍କ ସମ୍ବନ୍ଧରେ ଆକାଶୀୟ ଦେବଦୂତମାନେ ସାକ୍ଷ୍ୟ ଦେଇଛନ୍ତି ଯେ, ଇଏ ହେଉଛନ୍ତି ସେହି ବ୍ୟକ୍ତି ଯିଏ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ସବୁଠାରୁ ଅଧିକ ପ୍ରେମ କରନ୍ତି । ***(ବରାହୀନେ ଅହେମଦୀୟା, ଚତୁର୍ଥଭାଗ, ରୁହାହି ଖଜାଇନ୍ ଖଣ୍ଡ-୧, ପୃ-୫୯୮ ହାଶିୟା ନଂ-୩)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଉପରେ ଅବତୀର୍ଣ୍ଣ ହୋଇଥିବା ଐଶିବାଣୀ **ସଲ୍ଲି ଅଲା ମୁହମ୍ମଦିଉଁ ୱ ଆଲି ମୁହମ୍ମଦିନ୍ ସୟିଦି ଉଲ୍‌ଦି ଆଦମା ୱ ଖାତମନ୍ ନବୀୟିନ୍** ଅର୍ଥାତ ଦରଦୁ ପ୍ରେରଣ କର ମୁହମ୍ମଦଙ୍କ ଉପରେ ଓ ମୁହମ୍ମଦଙ୍କ ବଂଶଜଙ୍କ ଉପରେ, ଯିଏ ହେଉଛନ୍ତି ଆଦମଙ୍କ ସନ୍ତାନମାନଙ୍କର ସର୍ଦ୍ଦାର ଓ ଖାତମୁଲ୍ ଅମ୍ବିୟା ଚର୍ଚ୍ଚା କରି କୁହନ୍ତି: ଏହା ଏହିକଥା ଆଡକୁ ଇଙ୍ଗିତ କରେ ଯେ, ବିଶ୍ୱବ୍ରହ୍ମାଣ୍ଡର ଅଧିପତି ଈଶ୍ୱରଙ୍କ ସମ୍ମୁଖରେ କିଭଳି ତାଙ୍କର (ଅର୍ଥାତ ନବୀ ସ:ଆ:ସଙ୍କର) ଉଚ୍ଚ ମର୍ଯ୍ୟାଦା ରହିଛି ଯେ, ସମସ୍ତ ପ୍ରକାର ଉଚ୍ଚ ଆସନ ଗୌରବ ଓ ପୁରସ୍କାର ତାଙ୍କ ସହିତ ପ୍ରିତିସମ୍ପର୍କ ସ୍ଥାପନ କରିବା ଦ୍ୱାରା ହାସଲ ହୋଇଥାଏ । ପୁଣି କହିଲେ: ସୁବ୍‌ହାନଲ୍ଲାଃ ଅଲ୍ଲାଃ ତାଲାଙ୍କ ନିକଟରେ ଆଁ ହଜ୍‌ରତ୍ ସ:ଆ:ସଙ୍କର କି ପଦମର୍ଯ୍ୟାଦା ରହିଛି ଯେ ତାଙ୍କୁ ପ୍ରେମ କରୁଥିବା ବ୍ୟକ୍ତି ଅଲ୍ଲାଃଙ୍କ ପ୍ରୀୟ ହୋଇଯାଇଥାଏ ଏବଂ ତାଙ୍କର ସେବକ ସମଗ୍ର ସଂସାରବାସୀଙ୍କ ମାର୍ଗଦର୍ଶକ ହୋଇଥାଏ । ଅର୍ଥାତ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦାସତ୍ୱର ସବୁଠାରୁ ଅଧିକ କର୍ତବ୍ୟ ସମ୍ପାଦନକାରୀ ପ୍ରଭୁଙ୍କ ଶରଣେ ସେହି ଆସନ ପ୍ରାପ୍ତ କରିଥାଏ ଯେ, ଗୋଟିଏ ସଂସାର ଆସି ତା ନିକଟରେ ଋଣ୍ଡ ହୋଇଯାଇଥାଏ, ତାଙ୍କର ଦାସତ୍ୱ ସ୍ୱୀକାର କରିଥାଏ ଏବଂ ଦାସତ୍ୱ ସ୍ୱୀକାର କରିବାର ଘୋଷଣା ଓ ସ୍ୱୀକାରୋକ୍ତି ମଧ୍ୟ କରିଥାନ୍ତି । ସୁତରାଂ ଆଜି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଯେଉଁ ପଦମର୍ଯ୍ୟାଦା ଓ ଉଚ୍ଚ ସ୍ତର ରହିଛି ତାହା କେବଳ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦାସତ୍ୱ ସ୍ୱୀକାର କରିବା ଯୋଗୁଁ ତାଙ୍କୁ ପ୍ରାପ୍ତ ହୋଇଛି ଏବଂ ହଜୁର ସ:ଆ:ସଙ୍କୁ ପ୍ରେମ କରିବା, ନିଷ୍ପାପର ପ୍ରେମ କରିବା ଯୋଗୁଁ ଆପଣ ଆ:ସଙ୍କୁ ଏହା ଲାଭ ହୋଇଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହଜୁର ସ:ଆ:ସଙ୍କ କାର୍ଯ୍ୟକୁ ପ୍ରସାରିତ କରିବାପାଇଁ ପ୍ରେରିତ ହୋଇଛନ୍ତି । ଅତଏବ ଆଜି ସମଗ୍ର ପୃଥିବୀରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଯେଉଁ ମର୍ଯ୍ୟାଦା ରହିଛି ତାହା କେବଳ ହଜୁର ସ:ଆ:ସଙ୍କ ଅନୁଗାମୀ ଓ ଦାସତ୍ୱ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଏକଦା ରାତ୍ର ସମୟରେ ଏହି ବିନିତ ଏତେମାତ୍ରାରେ ହଜୁର ସ:ଆ:ସଙ୍କ ପାଇଁ ଦରୁଦ୍ ପ୍ରେରଣ କଲା ଯେ, ଏ ବିନିତର ହୃଦୟ ଓ ଆତ୍ମା ସୁବାଶିତ ଓ ସୁଗନ୍ଧିତ ହୋଇ ଉଠିଲା । ସେହି ରାତ୍ରରେ ସ୍ୱପ୍ନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦେଖିଲେ ଦେବଦୂତମାନେ ଆଲୋକର ଥଳୀ ଧରି ଏହି ବିନିତ ଘରକୁ ଆଗମନ କରିଛନ୍ତି ଏବଂ ତନ୍ମଧ୍ୟରୁ ଜଣେ ଦେବଦୂତ କହିଲେ ଏହା ହେଉଛନ୍ତି ସେହି କଲ୍ୟାଣ ଓ ପ୍ରତିଫଳ ଯାହା ତୁମେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଉପରେ ପ୍ରେରଣ କରିଥିଲ । ଏହିପରି ଆଉ ଏକ ଅଭୁଦପୂର୍ଣ୍ଣ ଘଟଣା ମନେପଡ଼ିଲା । ଏକଦା ଐଶିବାଣୀ ହେଲା ଯାହାର ଅର୍ଥ ଏହା ଥିଲା କି ପରମେଶ୍ୱର ଇସ୍‌ଲାମ୍ ଧର୍ମର ପୂର୍ନରୁଦ୍ଧାର ପାଇଁ ବ୍ୟଗ୍ର କିନ୍ତୁ ବର୍ତମାନ ସୁଦ୍ଧା ସେହି ବ୍ୟକ୍ତିଙ୍କର ନିର୍ଦ୍ଧାରଣ ହୋଇପାରି ନାହିଁ । ସୁତରାଂ ସେମାନେ ଦ୍ୱନ୍ଦରେ ପଡ଼ିଛନ୍ତି । ସେହି ଅବଧିରେ ସ୍ୱପ୍ନରେ ଦେଖିଲି ଯେ ଲୋକମାନେ ଜଣେ ଜୀବନ ପ୍ରଦାନକାରୀଙ୍କୁ ଅନ୍ୱେଷଣ କରୁଛନ୍ତି ଏବଂ ଜଣେ ବ୍ୟକ୍ତି ଏହି ବିନିତ ନିକଟକୁ ଆସି ଇସାରା କରି କହିଲା **ହାଜା ରଜୁଲୁନ୍ ୟୁହିବ୍‌ବୁ ରସୁଲଲ୍ଲାହି ।** ଅର୍ଥାତ ଇଏ ହେଉଛନ୍ତି ସେହି ବ୍ୟକ୍ତି ଯିଏ ରସୁଲୁଲ୍ଲାଃ ସ:ଆ:ସଙ୍କୁ ବହୁତ ପ୍ରେମ କରୁଛନ୍ତି.............. ***(ବରାହିନେ ଅହେମଦୀୟା, ଚତୁର୍ଥଭାଗ, ରୁହାହି ଖଜାଇନ୍ ଖଣ୍ଡ-୧, ପୃ-୫୯୭-୫୯୮ ହାଶିୟା)***

ଆମେମାନେ ସେହି ମସିହ ଓ ମେହେଦୀଙ୍କ ଗ୍ରହଣକାରୀ ଅଟୁ ଯେଉଁ ମସିହ ଓ ମେହେଦୀଙ୍କ ସମ୍ପର୍କରେ ଆକାଶଲୋକରେ ଦେବଦୂତମାନେ କହିଥିଲେ, **ହାଜା ରଜୁଲୁନ୍ ୟୁହିବ୍‌ବୁ ରସୁଲୁଲ୍ଲାଃ** ହଜୁର ସ:ଆ:ସ କୁହନ୍ତି ଯେ, ଦେବଦୂତମାନଙ୍କର ଏହି କଥନରୁ ଏହା ଯଥାର୍ଥ ଥିଲା ଯେ, ସର୍ବ ବୃହତ ସର୍ତ ଏହି ଆସନ ପାଇଁ ହେଉଛି **'ମୁହୟୀ'** ଅର୍ଥାତ ଧର୍ମର ପୁନର୍ବିନ୍ୟାସ ଓ ପୁନଃ ଉତ୍‌ଥାନ ପାଇଁ ସବୁଠାରୁ ବଡ଼ ସର୍ତ ହେଉଛି ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ପ୍ରେମ କରିବା । ଅତଏବ ଆମେମାନେ ସେହି ମୁହୟୀଙ୍କ ମିଶନକୁ ଆଗକୁ ବଢ଼ାଇବା ପାଇଁ ଶପଥ ନେଇଛେ । କଣ ଆମମାନଙ୍କର ଏହା କର୍ତବ୍ୟ ନୁହେଁ ଯେ, ଆମେମାନେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରି ଏବଂ ଦୁରୁଦ୍ ଶରୀଫ୍ ଜପ କରି ସେହି ମସିହ ଓ ମେହେଦୀଙ୍କ ସହାୟକ ସାବ୍ୟସ୍ତ ହେବା । ସଂସାରବାସୀଙ୍କୁ ଅବଗତ କରାନ୍ତୁ ଯେ, ତୁମେମାନେ ଯାହାଙ୍କୁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ଅବମାନନାକାରୀ ଓ ତିରସ୍କାରୀ ବୋଲି ମଣୁଛ ବାସ୍ତବ ପକ୍ଷେ ସେମାନେ ହିଁ ସର୍ବାଧିକ ହଜୁର ସ:ଆ:ସଙ୍କୁ ପ୍ରେମ କରୁଛନ୍ତି ଏବଂ ସେମାନେ ହିଁ ଏହି ଦୁରୁଦ୍ ଶରୀଫ୍ ଓ ସଲାମ୍ ପ୍ରେରଣ କରିବାର ଗୂଢ଼ ତତ୍ୱକୁ ହଜ୍‌ରତ ମସିହ୍ ମଉଦ୍ ଆ:ସଙ୍କ ମାଧ୍ୟମରେ ବୁଝିପାରିଛନ୍ତି ଏବଂ ସେମାନେ ହିଁ ଅଧିକ ଦୁରୁଦ୍ ପାଠ କରିଥାନ୍ତି । ଆମେମାନେ ହିଁ ରମ୍‌ଜାନ ମାସରେ କେବଳ ନିଜ ବ୍ୟକ୍ତିଗତ ଦୁଆ ପ୍ରତି ମନଯୋଗ କରିନଥାଉ ବରଂ ବ୍ୟାକୁଳ ହୋଇ ସମଗ୍ର ସଂସାରବାସୀ କିପରି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧ୍ୱଜା ତଳେ ଏକାଠି ହୋଇଯିବେ ଓ ଆପଣଙ୍କର ଜୟ ଜୟକାର ହେବ, ସମଗ୍ର ବିଶ୍ୱରେ ଇସ୍‌ଲାମ୍‌ର ଧ୍ୱଜା ଲହରେଇବ ଏବଂ କିଭଳି ଲୋକେ ହଜୁର ସ:ଆ:ସଙ୍କ ଦାସତ୍ୱରେ ଆସି ନିଜର ଇହ ଓ ପରକାଳକୁ ସଫଳ କରିନେବେ ସେଥିପ୍ରତି ଦୁଆ କରିଥାଉଁ ଓ କିଭଳି ଲୋକମାନେ ଇସ୍‌ଲାମ୍ ଓ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦାସତ୍ୱ ଗ୍ରହଣ କରି ଗର୍ବ ଅନୁଭବ କରିବେ । ଲୋକେମାନେ କାରଣ ଏହା ହିଁ ଏକମାତ୍ର ଧର୍ମ ଯେ, ସୁରକ୍ଷା ପ୍ରଦାନ କରିବାର ଜମାନତ୍ ଦେଇଥାଏ ଏବଂ ଏହା ହିଁ ଏକମାତ୍ର ଧର୍ମ ଯାହାକି ଭକ୍ତକୁ ନିଜ ସୃଷ୍ଟିକର୍ତା ସହ ସମ୍ପର୍କ ସ୍ଥାପନ କରାଇଥାଏ ଓ ଏହା ହିଁ ଏକମାତ୍ର ଧର୍ମ ଯାହାର ଜୀବିତ ଚିରଞ୍ଜିବି ପ୍ରଭୁ ନିଜ ଭକ୍ତର ପ୍ରାର୍ଥନା ସ୍ୱୀକାର କରି ତାହାକୁ ଉତର ଦେଇଥାନ୍ତି । ସୁତରାଂ ଆମ ଅହେମଦୀମାନଙ୍କ କାନ୍ଧ ଉପରେ ଏହି ଗୁରୁ ଦାୟିତ୍ୱଟି ନ୍ୟସ୍ତ ରହିଛି । ଆମେମାନେ ଯଦି ପ୍ରଳୟ ଦିବସ ପର୍ଯ୍ୟନ୍ତ ସେହି ପୁରସ୍କାର ଓ କୃପାର ଅଧିକାରି ହେବାର ଇଚ୍ଛୁକ ତାହେଲେ ଆମେମାନେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଉପରେ ଅନବରତ ଭାବରେ ଦୁରୁଦ୍ ଶରୀଫ୍ ପ୍ରେରଣ କରିବା ଉଚିତ ଯଦ୍ୱାରା ଆମେମାନେ ଏହା ଅବଲୋକନ କରିନେବା ଯେ, କିପରି ଶତ୍ରୁମାନଙ୍କର ଉଦ୍ୟମ ଓ କୁମନ୍ତ୍ରଣାମାନ ଅଲ୍ଲାଃ ତାଲାଙ୍କ କୃପାରୁ ପଣ୍ଡ ହେଉଅଛି ଓ କିପରି ଶତ୍ରୁର ମୁକାବିଲା ସ୍ୱୟମ ପରମେଶ୍ୱର ନିଜେ କରିଥାନ୍ତି । ପୁନଶ୍ଚ ଆମେ ଦେଖିଥାଉ ଯେ, ଆମ ଆସନ୍ତା ପିଢ଼ି ଆଧାତ୍ମିକତାରେ ଉନ୍ନତି କରି ଉର୍ଦ୍ଧରୁ ଉର୍ଦ୍ଧଗାମୀ ହୋଇଚାଲିଛନ୍ତି । ଆମେମାନେ ବ୍ୟକ୍ତିଗତ ଦୁଆ ସ୍ୱୀକାର ହେବାର ନିଦର୍ଶନ ଦେଖିବା ଓ ସାମୁହିକ ଦୁଆ ସ୍ୱୀକାର ହେବାର ମଧ୍ୟ ନିଦର୍ଶନ ଦେଖିବା । ଏହା କଦାପି ମିଥ୍ୟା ହେବନାହିଁ କାରଣ ପ୍ରଭୁଙ୍କ ପ୍ରୀୟ ରସୁଲ୍ ଆମକୁ ଏହାର ଜମାନତ୍ ଦେଇଛନ୍ତି ଯେ, ମୋ ପାଇଁ ଦରୁଦ୍ ପାଠ କରିବା ପରେ ଦୁଆ କଲେ ତୁମର ଆବଶ୍ୟକତା ନିଶ୍ଚିତ ପ୍ରଭୁ ପୁରଣ କରିବେ । କିନ୍ତୁ ସର୍ତ ଏହି କି ଯେ, ଦରୁଦ୍ ପାଠ କଲାବେଳେ ପୂର୍ଣ୍ଣ ନିଷ୍ଠାର ସହ ପାଠ କରିବ । ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଉଚ୍ଚ ଆସନ ଓ ପଦମର୍ଯ୍ୟାଦାକୁ ଉର୍ଦ୍ଧଗାମୀ କରିବା ପ୍ରତି ମନରେ ଉତ୍କଣ୍ଠା ରହିଥିବ । ପ୍ରଭୁଙ୍କ ଶରଣେ ମନପ୍ରାଣର ସହ ଦୁଆ କରିବା ସହିତ ଏହାର ଗୁରୁତ୍ୱ ଓ ମର୍ମକୁ ସଠିକ୍ ରୂପେ ହୃଦୟଙ୍ଗମ କରୁଥିବ ।

ଏହି ପ୍ରସଙ୍ଗରେ ସଂକ୍ଷିପ୍ତରେ କହିଦେଉଛି ଯେ, ଅନ୍ତରର ହୃଦୟରୁ ଦୁଆ ସେତେବେଳେ ବାହାରି ଥାଏ ଯେତେବେଳେ ମଣିଷ ଅବଗତ ଥାଏ ଯେ, ସେ କଣ ଦୁଆ କରୁଛି । କେବଳ ମୁହଁରୁ ଶବ୍ଦଗୁଡ଼ିକ ଅନର୍ଗଳ ଭାବରେ ଉଚ୍ଚାରଣ କରିଦେଲେ ସେହି ଶବ୍ଦଗୁଡ଼ିକର ତତ୍ୱ ଓ ମର୍ମ ବୁଝାପଡ଼ିନଥାଏ ନା ତାହା ହୃଦୟକୁ ପ୍ରଭାବିତ ଓ ଆକର୍ଷିତ କରିଥାଏ । କାରଣ ଯଦି ହୃଦୟକୁ ପ୍ରଭାବିତ କରୁନାହିଁ ତେବେ ସେହି ଉତ୍ସାହ, ଉଦ୍ଦୀପନା ଓ ଆବେଗ ଉତ୍ପନ୍ନ ହୋଇନଥାଏ । ସୁତରାଂ ହୃଦୟକୁ ପ୍ରଭାବିତ କରିବା ପାଇଁ ମଣିଷକୁ ଜ୍ଞାତ ହେବା ଆବଶ୍ୟକ ଯେ, ସେ କଣ ଦୁଆ ପାଠ କରୁଅଛି ଓ କାହିଁକି କରୁଛି ? ଲକ୍ଷ ଲକ୍ଷ କୋଟି କୋଟି ଲୋକ ଦରୁଦ୍‌ର ବାକ୍ୟକୁ ପୁନରାବୃତି କରିଥାନ୍ତି କିନ୍ତୁ ସେମାନଙ୍କୁ ଜଣାନଥାଏ ଯେ, ତାହାର ଅର୍ଥ କଣ ? ସେଥିରୁ ଆମକୁ କଣ ଉପାକାର ମିଳୁଛି ? ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ଏଥିରୁ କି ସୁଫଳ ମିଳିବ ?

ଦରୁଦ୍‌ରେ ଅଲ୍ଲାହୁମ୍ମାମ ସଲ୍ଲି ପ୍ରଥମେ ରଖାଯାଇଅଛି ଏବଂ ଅଲ୍ଲାଃହୁମ୍ମା ବାରିକ୍ ପରେ ରଖାଯାଇଅଛି । ଏହାର କାରଣ ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି, **'ସଲାତ୍'**ର ଅର୍ଥ ହେଉଛି ଦୁଆ କରିବା । ଅତଏବ **ଅଲ୍ଲାଃହୁମ୍ମା ସଲ୍ଲି ଅଲା**ର ଅର୍ଥ ହେଉଛି, ହେ ଅଲ୍ଲାଃ ତୁମେ ରସୁଲେ କରିମ୍ ସ:ଆ:ସଙ୍କ ପାଇଁ ଦୁଆ କର ଦୁଆ ଦୁଇ ପ୍ରକାରର ଲୋକେ କରିଥାନ୍ତି । ପ୍ରଥମରେ ସେହି ବ୍ୟକ୍ତି ଦୁଆ କରିଥାଏ ଯାହା ନିକଟରେ କିଛି ନଥାଏ ଓ ସେ ଅନ୍ୟଠାରୁ ମାଗିଥାଏ । ଦ୍ୱିତୀୟରେ ଏପରି ବ୍ୟକ୍ତିର ଦୁଆ, ଯିଏ ନିଜେ ନିୟନ୍ତ୍ରଣ ରଖଇଥାଏ ଏବଂ ସେ ନିଜେ ପ୍ରଦାନ କରିଥାଏ । ଆମେମାନେ ଯେତେବେଳେ ଅଲ୍ଲାଃ ତାଲାଙ୍କ ସମ୍ପର୍କରେ କହୁ ଯେ, ସେ ଦୁଆ କରନ୍ତି ସେତେବେଳେ ଏହାର ଅର୍ଥ ଏହି କି ଯେ, ସେ ନିଜର ପ୍ରାଣୀଜଗତ ଓ ସୃଷ୍ଟଜ ଏବଂ ସମସ୍ତ ବସ୍ତୁକୁ ନିର୍ଦ୍ଦେଶ ଦେଇଥାନ୍ତି ଯେ ମୋର ଭକ୍ତର ସାହାର୍ଯ୍ୟ ଓ ସମର୍ଥନ କର । ଅତଏବ **ଅଲ୍ଲାଃହୁମ୍ମା ସଲ୍ଲି** ର ଅର୍ଥ ଏହା ହେଲା ଯେ ହେ ଅଲ୍ଲାଃ ! ତୁମ୍ଭେ ପ୍ରତ୍ୟେକ ପୂଣ୍ୟ ଓ କଲ୍ୟାଣ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପାଇଁ ଚାହଁ । ପୁନଶ୍ଚ ତାଙ୍କ ଗୌରବ ଓ

ମର୍ଯ୍ୟାଦକୁ ଅଭିବୃଦ୍ଧି କର । ଏପରି ଦୁଆ ଓ ଆକାଂକ୍ଷା ଠାରୁ ବଳି ଆଉ କିଛି ହୋଇନପାରେ । ଆମେ ଛାର ମାନବ ଅଲ୍ଲାଃଙ୍କ ଅପାର କୃପାକୁ ଆକଳନ କରିପାରିବା ନାହିଁ ଯେ ସେ କଣ ଚାହୁଁଛି । ଆମେ କେବଳ ପ୍ରଭୁଙ୍କ ନିକଟରେ ଦୁଆ କରିବା ତେଣିକି ସେ ଯାହା ଇଚ୍ଛା ପ୍ରଦାନ କରିବେ । ହଜୁର ଅଧିକନ୍ତୁ କୁହନ୍ତି **ଅଲ୍ଲାଃହୁମ୍ମା ବାରିକ** ର ଅର୍ଥ ଏହା ଯେ, ହେ ଅଲ୍ଲାଃ ! ତୁମ୍ଭେ ନବୀ କରିମ୍ ସ:ଆ:ସଙ୍କ ପାଇଁ କୃପ. ଦୟା ଓ ପୁରଷ୍କାରକୁ ଏତେମାତ୍ରାକୁ ବୃଦ୍ଧି କର ଯେ, ସକଳ ଜଗତର କୃପା, ଦୟା ଓ କଲ୍ୟାଣ ହଜୁର ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସକାଶେ ଏକତ୍ରିତ ହୋଇଯାଉ । ପ୍ରଭୁ ସେଥିରେ ଏଭଳି ବର୍‌କତ୍ ପ୍ରଦାନ କରନ୍ତୁ ଯାହାର ଆମେ ସୀମା ନିରୁପଣ କରିପାରିବା ନାହିଁ । ସୁତରାଂ ଯେତେବେଳେ ତାହା ଆପଣଙ୍କଠାରେ ଜମା ହୋଇଯିବ ସେତେବେଳେ ଆମେ ଆପଣଙ୍କ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ହେବା ଯୋଗୁଁ ସେହି କଲ୍ୟାଣରୁ ମଧ୍ୟ ଭାଗ ନେବା ବା ସେହି କଲ୍ୟାଣର ଅଧିକାରୀ ହୋଇପାରିବା । ଅତଏବ ଆମେମାନେ ଯେତେବେଳେ ଆମ ହୃଦୟରେ ବେଦନାକୁ ପ୍ରତିପୋଷଣର କରି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧର୍ମର ଉତ୍‌ଥାନ ପାଇଁ ଦୁଆ କରିବା ସେତେବେଳେ ଅଲ୍ଲାଃ ତାଲା ମଧ୍ୟ ଆମମାନଙ୍କୁ ସେହି ଦୁଆ ଓ ଦୁରୁଦ୍ ଦ୍ୱାରା ଉପକୃତ କରାଇବେ । କାରଣ ଆ ସହିତ ଉମ୍ମତ ଅର୍ଥାତ ଏ ସମ୍ପ୍ରଦାୟ ପାଇଁ ମଧ୍ୟ ଦୁଆ ରହିଛି । ଯେଉଁ ମଞ୍ଜି ଆମେ ବୁଣିବା ତା'ର ଫଳ ମଧ୍ୟ ଆମେ ଖାଇବା କାରଣ ସଲ୍ଲିୟକା ମଞ୍ଜି ସଦୃଶ ଏବଂ ବାରିକ୍ ତାହାର ଫଳ ।

***(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୭, ପୃ-୭୭-୭୮)***

କିନ୍ତୁ ସର୍ତ ଏହି କି ଯେ, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ଶିକ୍ଷା ଉପରେ ଆମେମାନେ ପରିଚାଳିତ ହେବା । ଅଲ୍ଲାଃ ତାଲାଙ୍କ କର୍ତବ୍ୟ ଓ ଭକ୍ତମାନଙ୍କର କର୍ତବ୍ୟ ସମ୍ପାଦନ କରିବା ପ୍ରତି ଆମମାନଙ୍କର ଧ୍ୟାନ ରହିଥିବ । ପ୍ରକୃତ **ଆଲ୍** (ଅର୍ଥାତ ପରିବାର)ର କର୍ତବ୍ୟ ଆମେ ସମ୍ପାଦନକାରୀ ହେବା । ଏପରି ନ ହେଉ କି ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହଙ୍କ ନାମରେ ଆମେ ଅତ୍ୟାଚାର କରିବା, ଆଇନ ଉଲ୍ଲଘଂନ କରି ରାସ୍ତାକୁ ବନ୍ଦ କରିବା, ଅବରୋଧ କରିବା ଏପରି କି ରୋଗି ଚିକିତ୍ସାଳୟ ପର୍ଯ୍ୟନ୍ତ ପହଂଚିନପାରୁ । ଏହା ଏଥିପାଇଁ ଯେ ଆମେ ଏହା ସବୁ ଅଲ୍ଲାଃ ଓ ରସୁଲ୍‌ଙ୍କ ନାମରେ କରୁଛୁ ସେଥିଯୋଗୁଁ ଏହା ଠିକ୍ । କିନ୍ତୁ ଏହା ତ' ଅଲ୍ଲାଃ ଓ ରସୁଲଙ୍କ ଶିକ୍ଷାର ବିପରୀତ କର୍ମ ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ କଥାର ଅବଜ୍ଞା । ଏପରି କରିବା ପାଇଁ ନା' ତ' ଅଲ୍ଲାଃ ଏପରି ଆଦେଶ ଦେଇଛନ୍ତି ନା ରସୁଲ । ତେଣୁ ଏପରି କରିବା ପାଇଁ ପ୍ରଭୁ ଅନୁମତି ପ୍ରଦାନ କରିନାହାନ୍ତି ନା ତାଙ୍କ ପବିତ୍ର ଅବତାର ପ୍ରଦାନ କରିଛନ୍ତି । ପୁନଶ୍ଚ ଏପରି ଲୋକମାନଙ୍କ ଦୁରୁଦ୍ କୌଣସି ଉପକାର ସାଧିତ କରିନଥାଏ ଏହା ତ' ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସ୍ତର ଓ ଆସନକୁ ଉର୍ଦ୍ଧଗାମୀ କରିବା ପରିବର୍ତେ ନିମ୍ନଗାମୀ କରିବା ପାଇଁ ଏକ କୁତ୍ସିତ ପ୍ରୟାସ । ଇସ୍‌ଲାମ୍‌କୁ ବଦ୍‌ନାମ କରିବାର ପ୍ରୟାସ । ପ୍ରଭୁ ଓ ତାଙ୍କ ରସୁଲ୍‌ଙ୍କ ନାମରେ ଯେଉଁ ଅନ୍ୟାୟ ଓ ଅତ୍ୟାଚାର ହୋଇଥାଏ ସେପରି ଲୋକମାନଙ୍କ ଉପରେ ପ୍ରଭୁଙ୍କର କୋପ ମଧ୍ୟ ଅବତୀର୍ଣ୍ଣ ହୋଇଥାଏ । ଏକଥା ସର୍ବଦା ମନେ ରଖିବା ଉଚିତ ।

ସୁତରାଂ ଦୁରୁଦ୍ ଶରୀଫ୍‌ର ସଠିକ୍ ଜ୍ଞାନ ଆଜିର ଯୁଗରେ ଯଦି କାହାରିକୁ ଜଣା ତେବେ ସେମାନେ ହେଲେ ଅହେମଦୀ ତେଣୁ ଆଜି ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଦରୁଦ୍ ଶରିଫ୍‌ର ପ୍ରକୃତ ଜ୍ଞାନ ବିଷୟରେ ଅବଗତ କରାଇବେ । ଏହି ରମ୍‌ଜାନ ମାସରେ ଆମକୁ ଯେଉଁ ସ୍ଥଳେ ଦୁରୁଦ୍ ପାଠ କରିବା ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ ସେହି ସ୍ଥଳେ ନିଜ ଭିତରେ ପବିତ୍ର ପରିବର୍ତନ ଆଣିବାକୁ ମଧ୍ୟ ପ୍ରୟାସ କରିବାକୁ ହେବ । ଯଦି ଏହି ଦୁରୁଦ୍ ସ୍ୱୀକୃତି ପ୍ରାପ୍ତ କରିନିଏ ତେବେ ତାହାର ଉପକାର ମଣିଷକୁ ତଥା ଆମମାନଙ୍କୁ ହିଁ ମିଳିଥାଏ ଅର୍ଥାତ ମଣିଷର ଅନ୍ୟ ଦୁଆ ମଧ୍ୟ ଗ୍ରହଣ ହେବା ସହିତ ତାହାର ଆଧ୍ୟାତ୍ମିକ ଅବସ୍ଥାରେ ମଧ୍ୟ ଉନ୍ନତି ଘଟିଥାଏ । ରସୁଲ୍ କରିମ୍ ସ:ଆ:ସଙ୍କ ପ୍ରେମରେ ଉନ୍ନତି କରିବା ସଙ୍ଗେ ସଙ୍ଗେ ସେ ପ୍ରଭୁଙ୍କ ନିକଟତର ହୋଇଥାଏ । ଦୁରୁଦ୍ ଶରୀଫ୍‌ର ମହତ୍ୱ ଏଥିରୁ ଆହୁରି ଅଧିକ ହୋଇଥାଏ, ଯେପରି ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା ମୋମିନମାନଙ୍କୁ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ ନବୀ କରିମ୍ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କର । ଅଲ୍ଲାଃ ତାଲା କହିଲେ **ଇନ୍ନଲ୍ଲାହା ଓ୍ୱ ମଲାଇକତହୁ ୟୁସଲ୍ଲୁନା ଅଲନ୍ ନବିୟିୟା ଅୟୋହଲ୍ ଲଜିନା ଆମନୁ ସଲ୍ଲୁ ଆଲୈହେ ଓ୍ୱ ସଲ୍ଲିମୁ ତସ୍‌ଲିମା (ଅହ୍‌ଜାବ୍:୫୭)** ସୁତରାଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସକାଶେ ଦୁରୁଦ୍ ଶରୀଫ୍ ପ୍ରେରଣ କରିବାର ଏଭଳି ଗୁରୁତ୍ୱ ରହିଛି ଯେ, ସ୍ୱୟମ ପ୍ରଭୁ ଓ ତାଙ୍କ ଦେବଦୁତମାନେ ମଧ୍ୟ ହଜୁର ସ:ଆ:ସଙ୍କ ସକାଶେ ଦୁରୁଦ୍ ପ୍ରେରଣ କରିଥାନ୍ତି । ବର୍ତମାନ ଏଠାରେ ଏକଥା ମଧ୍ୟ ସ୍ପଷ୍ଟ ହେଲା ଯେ, ପ୍ରଭୁଙ୍କର ଦୁଆ କରିବା ଅର୍ଥ କଣ ପରମେଶ୍ୱର ତ ପ୍ରତି ମୁହୁର୍ତରେ ଆପଣ ସ:ଆ:ସଙ୍କ ସ୍ତର ଓ ମର୍ଯ୍ୟାଦା ଓ ଗୌରବ ଉର୍ଦ୍ଧଗାମୀ କରିବାପାଇଁ ମାଧ୍ୟମ ଯୋଗାଇ ଦେଇଛନ୍ତି । ଚଳିତ ଯୁଗରେ ପ୍ରଭୁ ଏହି କର୍ତବ୍ୟ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଯମାତ୍ ଉପରେ ନ୍ୟସ୍ତ କରିଛନ୍ତି ଯେ, ସେମାନେ ପ୍ରଭୁଙ୍କ ଆଦେଶ ମୁତାବିକ ଠିକ୍ ଠିକ୍ ଅମଲ କରି ଦରୁଦ୍ ପ୍ରେରଣ କରନ୍ତୁ । ଯଦ୍ୱାରା ସେମାନେ ପ୍ରଭୁଙ୍କ କୃପାର ଅଧିକାରୀ ହେବେ । ଦେବଦୂତଙ୍କ ଦୁଆ ରୁ ଲାଭାନ୍ୱିତ ହେବେ କାରଣ ଯେତେବେଳେ ସେମାନେ ହଜୁର ସ:ଆ:ସଙ୍କ ପାଇଁ ଦୁରୁଦ୍ ପ୍ରେରଣ କରିବେ ସେତେବେଳେ ହଜୁର ସ:ଆ:ସଙ୍କ ପ୍ରକୃତ ମାନ୍ୟକାରୀମାନେ ମଧ୍ୟ ସେଥିରୁ ଭାଗ ନେବେ ଏବଂ ଯେତେବେଳେ ତାହା ଆମକୁ ଲାଭ ହେବ ସେତେବେଳେ କୃତଜ୍ଞତା ସ୍ୱରୁପ ଆମେ ପୂର୍ବାପେକ୍ଷା ଅଧିକ ଦରୁଦ୍ ପାଠକାରୀ ହେବା ଉଚିତ ଏବଂ ତାହା ଏକ ଅନବରତ ଅବ୍ୟାହତ ରହିଥିବା ପ୍ରକ୍ରିୟା ପାଲଟି ଯିବ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ ଉକ୍ତ ପଂକ୍ତିର ବ୍ୟାଖ୍ୟା କରି ଗୋଟିଏ ସ୍ଥାନରେ କୁହନ୍ତି, "ଆମ ମୁନିବ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସତ୍ୟତା ଓ ବିଶ୍ୱସ୍ତତା ଦେଖି ଯେ ଆପଣ ସ:ଆ:ସ ସମସ୍ତ ପ୍ରକାର କୁପ୍ରଥାର ମୁକାବିଲା କଲେ, ବିଭିନ୍ନ ପ୍ରକାର କଷ୍ଟ ଓ ନିର୍ଯ୍ୟାତନା ସହ୍ୟ କଲେ କିନ୍ତୁ କଦାପି ମୁଣ୍ଡ ନୁଆଁଇଲେ ନାହିଁ । ସେହି କାରଣରୁ ପରମେଶ୍ୱର ଆପଣଙ୍କୁ ଏଭଳି ଉପାଧି ପ୍ରଦାନ କଲେ ଓ କହିଲେ, **ଇନ୍ନଲ୍ଲାହା...... ତସ୍‌ଲିମା (ଅହ୍‌ଜାବ୍:୫୭)** ଅର୍ଥାତ ପ୍ରଭୁ ଓ ତାଙ୍କ ସମସ୍ତ ଦେବଦୂତମାନେ ଏହି ରସୁଲ୍‌ଙ୍କ ସକାଶେ ଦୁରୁଦ୍ ପ୍ରେରଣ କରୁଛନ୍ତି । ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଦରୁଦ୍ ପ୍ରେରଣ କର ଏହି ପଂକ୍ତିରୁ ପ୍ରମାଣିତ ହେଲା ଯେ, ନବୀ ସିରୋମଣି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର କର୍ମ ଏପରି ଥିଲା ଯେ, ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କର ପ୍ରଶଂସା କିମ୍ବା ଗୁଣାବଳୀକୁ ସୀମାବଦ୍ଧ କରିବାପାଇଁ କୌଣସି ବିଶେଷ ଶଦ୍ଦ ବର୍ଣ୍ଣନା କଲେନାହିଁ । ଶଦ୍ଦ ତ ମିଳିଯାଇଥାନ୍ତା କିନ୍ତୁ ସ୍ୱୟମ ବ୍ୟବହାର କଲେନାହିଁ ଅର୍ଥାତ ହଜୁର ସ:ଆ:ସଙ୍କ ସୁକର୍ମ ପ୍ରଶଂସାଗାନର ସୀମା ବଦ୍ଧ କରିବାପାଇଁ ଯାହାକି ସୀମା ବର୍ହିଭୁତ ଥିଲା ଯାହାକୁ କଳନା କରିବା ଅତ୍ୟନ୍ତ ଦୁରୁହ ବ୍ୟାପାର ଥିଲା । ଅଲ୍ଲାଃ ତାଲା ଅନ୍ୟ କୌଣସି ନବୀଙ୍କ ପାଇଁ ଏ ପ୍ରକାର ଶଦ୍ଦ ପ୍ରୟୋଗ କରିନାହାନ୍ତି । ହଜୁର ସ:ଆ:ସଙ୍କର ସ୍ୱଭାବରେ ସେହି ସତ୍ୟତା ଓ ପବିତ୍ରତା ରହିଥିଲା ଓ ଅଲ୍ଲାଃ ତାଲାଙ୍କ ଦୃଷ୍ଟିରେ ହଜୁର ସ:ଆ:ସଙ୍କର କର୍ମ ଏତେ ପ୍ରୀୟ ଥିଲା କି ଅଲ୍ଲାଃ ତାଲା ସଦା ସର୍ବଦା ପାଇଁ ଏହି ଆଦେଶ ପ୍ରଣୟନ କରିଦେଲେ ଯେ, ଆଗାମି ଭବିଷ୍ୟତ ପାଇଁ ଲୋକମାନେ କୃତଜ୍ଞତା ସ୍ୱରୁପ ହଜୁର ସ:ଆ:ସଙ୍କ ପାଇଁ ଦରୁଦ୍ ପ୍ରେରଣ କରିବେ । ***(ମଲ୍‌ଫୁଜାତ, ଖଣ୍ଡ-୧, ପୃ-୩୭-୩୮)***

ଅତଏବ ଏହି କୃତଜ୍ଞତା ଜ୍ଞାପନ ଆମମାନଙ୍କୁ ଲାଭ ପହଂଚାଇବ । ଅଲ୍ଲାଃ ତାଲା ଏହି ପବିତ୍ର ରମ୍‌ଜାନ୍ ମାସରେ ଓ ପରବର୍ତୀ ସମୟରେ ମଧ୍ୟ ଆମମାନଙ୍କୁ ସର୍ବଦା ଦୁରୁଦ୍ ଶରୀଫ୍‌ର ମହତ୍ୱକୁ ହୃଦୟଙ୍ଗମ କରି ହଜୁର ସ:ଆ:ସଙ୍କ ଉପରେ ଦୁରୁଦ୍ ପାଠ କରିବାର ସାମର୍ଥ ପ୍ରଦାନ କରିଚାଲନ୍ତୁ । **ଅଲ୍ଲାହୁମ୍ମା ସ୍ୱଲ୍ଲିଆଲା ମୁହମ୍ମଦିନ୍ ଓ୍ୱ ଆଲା ଆଲେ ମୁହମ୍ମଦିନ୍ କମା ସଲ୍ଲୈତା ଅଲା ଇବ୍ରାହିମା ଓ୍ୱ ଆଲା ଆଲେ ଇବ୍ରାହିମା ଇନ୍ନକା ହମିଦୁମ୍ ମଜିଦ୍ । ଅଲ୍ଲାହୁମ୍ମ ବାରିକ୍ ଅଲା ମୁହମ୍ମଦିନ୍ ଓ୍ୱ ଆଲା ଆଲେ ମୁହମ୍ମଦିନ୍ କମା ବାରକ୍‌ତା ଆଲା ଇବ୍ରାହିମା ଓ୍ୱ ଆଲା ଆଲେ ଇବ୍ରାହିମା ଓ୍ୱ ଆଲା ଆଲେ ଇବ୍ରାହିମା ଇନ୍ନକା ହମିଦୁନ୍ ମଜିଦ୍**

ଦ୍ୱିତୀୟ କଥା ଯାହା ପ୍ରତି ମୁଁ ଆପଣମାନଙ୍କର ବିଶେଷ ଧ୍ୟାନ ଆକର୍ଷିତ କରିବାକୁ ଚାହୁଁଛି ତାହା ହେଉଛି ଇସ୍ତେଗ୍‌ଫାର୍ ଅଲ୍ଲାଃ ତାଲା ଆମକୁ ଏହି ଦୁଆ ଶିଖାଇଛନ୍ତି: **ଅସ୍ତଗ୍‌ଫିରୁଲ୍ଲାଃହା ରବ୍‌ବି ମିନ୍ କୁଲ୍ଲି ଜନ୍‌ବିଉଁ ଓ୍ୱ ଅତୁବୁ ଇଲୈହି** ଅର୍ଥାତ ମୁଁ ସକଳ ପାପଠାରୁ ଅଲ୍ଲାଃ ତାଲାଙ୍କ କ୍ଷମା ଜାଚନା କରୁଛି ଯିଏ ମୋର ପାଳନକର୍ତା ଏବଂ ମୁଁ ତାଙ୍କ ଆଡ଼କୁ କ୍ଷମା ଜାଚନା କରି ଆନତ ହେଉଅଛି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦୁଆ ଏହା ହେଉଛି ଏଭଳି ଏକ ଦୁଆ ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏ ସଂକ୍ରାନ୍ତରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି:

ଇସ୍ତେଗ୍‌ଫାର୍‌ର ପ୍ରକୃତ ଓ ବାସ୍ତବ ଅର୍ଥ ଏହି କି ଯେ, ଅଲ୍ଲାଃ ତାଲାଙ୍କ ନିକଟରେ ଗୁହାରି କରିବା ଯେ, ମାନବ ସ୍ୱଭାବର କୌଣସି ଦୁର୍ବଳତା ଯେପରି ପ୍ରକାଶ୍ୟ ନ ହେଉ ଓ ଅଲ୍ଲାଃ ତାଲା ମଣିଷ ପ୍ରକୃତିରେ ରଖିଥିବା ସେହି ଦୂର୍ବଳତାକୁ ସାମର୍ଥ୍ୟ ରୂପକ ସାହାରା ପ୍ରଦାନ କରନ୍ତୁ ଏବଂ ନିଜର ସମର୍ଥନ ଓ ଏକାନ୍ତ ମୟ ପରିଶର ମଧ୍ୟକୁ ନେଇ ନିଅନ୍ତୁ । ଇସ୍ତେଗ୍‌ଫାର୍‌ର ଶଦ୍ଦଟି ଆରବୀ ଶଦ୍ଦ ଯାହା **ଗଫରାରୁ** ଆନିତ ଏହାର ଅର୍ଥ ଘୋଡ଼ାଇବା ବା ଢ଼ାଙ୍କିବା ଅତଏବ ଏହାର ଅର୍ଥ ଏହି କି ଯେ, ଅଲ୍ଲାଃ ତାଲା ନିଜର ଶକ୍ତି ସହିତ କ୍ଷମାଜାଚନା କରୁଥିବା ବ୍ୟକ୍ତିର ସ୍ୱଭାବିକ ଦୃବଳତାକୁ ଘୋଡ଼ାଇ ଦିଅନ୍ତୁ ବା ଢ଼ାଙ୍କି ଦିଅନ୍ତୁ । କିନ୍ତୁ ପ୍ରକୃତ ଓ ବାସ୍ତବିକ ଅର୍ଥ ଏହା ହିଁ ଯେ, ପ୍ରଭୁ ନିଜର ଈଶ୍ୱରତ୍ୱର ଶକ୍ତି ସହିତ କ୍ଷମାଜାଚନାକାରୀ ବ୍ୟକ୍ତିକୁ ତା'ର ପ୍ରକୃତିଗତ ଦୃବଳତାଠାରୁ ରକ୍ଷା କରିବେ ଏବଂ ନିଜର ଶକ୍ତି ଦ୍ୱାରା ତାହାକୁ ସାମର୍ଥ୍ୟ ପ୍ରଦାନ କରିବେ ଏବଂ ନିଜର ଅଲୌକିକ ଜ୍ଞାନ ଦ୍ୱାରା ସେହି ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କରିବେ । ସେହିପରି ନିଜର ଆଲୋକ ଦ୍ୱାରା ଆଲୋକ ପ୍ରଦାନ କରିବେ କାରଣ ଅଲ୍ଲାଃ ତାଲା ମନୁଷ୍ୟକୁ ସୃଷ୍ଟି କରି ତା'ଠାରୁ ପୃଥକ ହୋଇନାହାନ୍ତି ଅର୍ଥାତ ନିଜଠାରୁ ପୃଥକ କରିନାହାନ୍ତି ବରଂ ସେ ଯେପରି ମନୁଷ୍ୟର ସ୍ରଷ୍ଟା ସାଜି ମନୁଷ୍ୟର ସମସ୍ତ ବାହ୍ୟ ଓ ଆଭ୍ୟନ୍ତରଣ ଶକ୍ତିର ସୃଷ୍ଟିକର୍ତା । ସେହିପରି ଅଲ୍ଲାଃ ତାଲା ହେଉଛନ୍ତି ମନୁଷ୍ୟର **କୟ୍ୟୁମ୍** (ସ୍ଥାୟୀତ୍ୱ ପ୍ରଦାନକାରୀ) ଅର୍ଥାତ ସେ ଯାହା କିଛି ତିଆରି କରିଛନ୍ତି ତାହାକୁ ନିଜର ବିଶିଷ୍ଟ ସାହାଯ୍ୟ ମାଧ୍ୟମରେ ସୁରକ୍ଷିତ ଓ ସ୍ଥାୟିତ୍ୱ ପ୍ରଦାନ କାରୀ ଅଟନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ କୁହନ୍ତି ଅତଏବ ଅଲ୍ଲାଃ ତାଲାଙ୍କର ଗୋଟିଏ ନାମ କୟ୍ୟୁମ୍ ଅଟେ, ନିଜ ଶକ୍ତିମାଧ୍ୟମରେ ପ୍ରାଣୀମାନଙ୍କୁ ସ୍ଥାୟିତ୍ୱ ପ୍ରଦାନକାରୀ, ସେହି ଭବ୍ୟ ହସ୍ତି ଅତଏବ ମନୁଷ୍ୟ ପାଇଁ ହିଁ ଏହା ବାଧତାମୁଳକ ଯେ, ଯେପରି ସେ ଈଶ୍ୱରଙ୍କ ଈଶ୍ୱରତ୍ୱଠାରୁ ସୃଷ୍ଟି ହୋଇଛି । ଠିକ୍ ସେହିପରି ସେ ନିଜର ଜନ୍ମର ନକ୍ସାକୁ ଅଲ୍ଲାଃ ତାଲାଙ୍କ କୟ୍ୟୁମିୟତ୍‌ର ବିଗିଡ଼ିବାରୁ ରକ୍ଷା କରନ୍ତି ଅତଏବ ମନୁଷ୍ୟ ପାଇଁ ସ୍ୱଭାବିକ ରୂପେ ଏହା ଆବଶ୍ୟକ ଥିଲା ଯେଉଁଥିପାଇଁ ଅଲ୍ଲାଃ ତାଲା ମନୁଷ୍ୟକୁ ଇସ୍ତେଗ୍‌ଫାର୍ କରିବାକୁ ମାର୍ଗଦର୍ଶନ କରିଛନ୍ତି । ଅତଏବ ମନୁଷ୍ୟ ଇସ୍ତେଗ୍‌ଫାର୍ କରିବା ଅନିବାର୍ଯ୍ୟ ।

ଇସ୍ତେଗ୍‌ଫାର୍ ସମ୍ପର୍କରେ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନେ୍ କରିମ୍‌ରେ ବର୍ଣ୍ଣନା କରିଛନ୍ତି: **ଅଲ୍ଲାଃହୁ ଲା ଇଲାହା ଇଲ୍ଲା ହୁ ଅଲ୍ ହୟ୍ୟୁଲ୍ କୟ୍ୟୁମ୍ (ବକ୍‌ରାଃ:୨୫୬) ।** *ଅର୍ଥାତ ଅଲ୍ଲାଃ ତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ, ସେ ଚିରଞ୍ଜୀବୀ ଓ ସେ ସ୍ୱୟଂ ପ୍ରତିଷ୍ଠିତ ଓ*

*ସମସ୍ତଙ୍କର ପ୍ରତିଷ୍ଠାତା ।* ଅତଏବ ମନୁଷ୍ୟ ଯେତେବେଳେ ଜନ୍ମ ଲାଭ କଲା ସେତେବେଳେ ଈଶ୍ୱରଙ୍କର କାର୍ଯ୍ୟ ତ ଅବଶ୍ୟ ସମାପ୍ତ ହୋଇଗଲା । କିନ୍ତୁ ଚୀରଞ୍ଜିବିର କାର୍ଯ୍ୟ ସଦା ସର୍ବଦାପାଇଁ ବାକି ରହିଗଲା । ଅତଏବ ସାର୍ବକାଳିକ ଇସ୍ତେଗ୍‌ଫାର୍‌ର ଆବଶ୍ୟକତା ପଡ଼ିଲା । ଅଲ୍ଲାଃ ତାଲାଙ୍କ ଚିରଞ୍ଜୀବି ଗୁଣ ଏଠାରେ ସେ ପରିପ୍ରେକ୍ଷୀରେ ସହାୟକ ହୋଇଥାଏ । ଯେତେବେଳେ ମନୁଷ୍ୟ ନିଜକୁ ବିଗିଡ଼ିବା ଅବସ୍ଥାରୁ ରକ୍ଷା କରେ ଅତଏବ ମନୁଷ୍ୟ ସାର୍ବକାଳିକ ଇସ୍ତେଗ୍‌ଫାର୍ କରିଥାଏ ସୁତରାଂ ଈଶ୍ୱରଙ୍କ ପ୍ରତ୍ୟେକ ବିଶିଷ୍ଟ ଗୁଣ ପାଇଁ ଗୋଟିଏ ଗୋଟିଏ କଲ୍ୟାଣ ରହିଛି, କ୍ଷମା ଜାଚନା ଚିରଞ୍ଜିବୀ ଗୁଣରୁ କଲ୍ୟାଣ ପ୍ରାପ୍ତ କରିବାପାଇଁ ଉଦ୍ଦିଷ୍ଟ । ଅଲ୍ଲାଃ ତାଲା ଏଥିପ୍ରତି ପବିତ୍ର କୁର୍‌ଆନ୍‌ର ସୁରାଃ ଫାତିହାରେ ଏହି ଆୟତରେ ବର୍ଣ୍ଣନା କରିଛନ୍ତି । ଯେପରି ଅଲ୍ଲାଃ ତାଲା କୁହନ୍ତି: **ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍** ଅର୍ଥାତ ଆମ୍ଭେ ତୁମ୍ଭର ହିଁ ଉପାସନା କରୁଅଛୁ ଏବଂ ତୁମ୍ଭଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ । ସେହି ସାହାଯ୍ୟ ଭିକ୍ଷା ଏହିପରି ଯେ, ତୁମ୍ଭର ଚୀରଞ୍ଜିବି ହେବା ଓ ପାଳନକର୍ତ୍ତା ହେବା ଆମମାନଙ୍କୁ ସାହାଯ୍ୟ କରିବ ଓ ଆମମାନଙ୍କୁ ପଥଭ୍ରଷ୍ଟ ହେବାରୁ ରକ୍ଷା କରିବ । ତେଣୁ ଏପରି ନ ହେଉ ଯେ, ଆମମାନଙ୍କ କ୍ଷେତ୍ରରେ ଦୁର୍ବଳତା ପ୍ରକାଶ ପାଇ ଆମେମାନେ ଉପାସନା କରିବାକୁ ଅକ୍ଷ୍ୟମ ହୋଇଯାଉ ।

***(ଇସ୍‌ମତେ ଅମ୍ବିୟା, ରୁହାନୀ ଖଜାଇନ୍, ଖଣ୍ଡ-୧୮, ପୃ-୬୭୧-୬୭୨)*** ।

ଅତଏବ ଉପାସନା କରିବା ପାଇଁ ଓ ସୈତାନ୍‌ର ଆକ୍ରମଣରୁ ନିଜକୁ ରକ୍ଷା କରିବାପାଇଁ ଅଲ୍ଲାଃ ତାଲାଙ୍କ ଆଦେଶ ଉପରେ ପରିଚାଳିତ ଓ ଅନୁସରଣ କରିବା ପାଇଁ ଇସ୍ତେଗ୍‌ଫାର୍ ଅତ୍ୟନ୍ତ ଜରୁରୀ । ଇସ୍ତେଗ୍‌ଫାର୍‌ର ଅର୍ଥ ଏହା ନୁହେଁ ଯେ, ମନୁଷ୍ୟ ଯେତେବେଳେ କୌଣସି ଭୁଲ୍ କାମ କରିବସେ ବା ତାହା ଦ୍ୱାରା କୌଣସି ଅପକର୍ମ ସାଧିତ ହୁଏ ସେତେବେଳେ ଅନୁତପ୍ତ ହୋଇ ଅଲ୍ଲାଃ ତାଲାଙ୍କ ନିକଟରେ କ୍ଷମାଜାଚନା କରୁ ଅର୍ଥାତ କ୍ଷମା ମାଗୁଁ । ନିଃସନ୍ଦେହ ଇସ୍ତେଗ୍‌ଫାର୍ ସେତେବେଳେ ମଧ୍ୟ ଅତ୍ୟନ୍ତ ଆବଶ୍ୟକୀୟ କାରଣ ଆସନ୍ତା ଅପକର୍ମରୁ ନିଜକୁ ସୁରକ୍ଷିତ ଓ ନିବୃତ ରଖିବାରୁ ଇସ୍ତେଗ୍‌ଫାର୍ କରିବା ମଧ୍ୟ ଜରୁରୀ । ତତ୍‌ସହିତ ଅଲ୍ଲାଃ ତାଲା ନିଜର ଭକ୍ତକୁ ବା କ୍ଷମାଜାଚନାକାରୀକୁ ସାହାଯ୍ୟ ମଧ୍ୟ କରନ୍ତି ଯାହାକି ଏହି ଇସ୍ତେଗ୍‌ଫାର୍ ମାଧ୍ୟମରେ ହିଁ ଲାଭ ହୋଇଥାଏ । ଅତଏବ ପାପ କର୍ମ ସମ୍ପାଦିତ ହେବାପରେ ମଧ୍ୟ ଏବଂ ନ ହେବାପରେ ମଧ୍ୟ ଉଭୟ ପରିସ୍ଥିତି ତଥା ପରିପ୍ରେକ୍ଷୀରେ ଇସ୍ତେଗ୍‌ଫାର୍ ନିତ୍ୟାନ୍ତ ଗୁରୁତ୍ୱପୂର୍ଣ୍ଣ । ସୈତାନ୍ ଅବସ୍ୟ ଆମମାନଙ୍କ ମାର୍ଗ ଉପରେ ବିଦ୍ୟମାନ ରହିଛି । ମନୁଷ୍ୟ ନିଜର ଉଦ୍ୟମ ଓ ପ୍ରଚେଷ୍ଟା ଦ୍ୱାରା ତା'ଠାରୁ ବଚିଂପାିରବ ନାହିଁ । ମନୁଷ୍ୟ ଯଦି ଏହା କହିଦିଏ ଯେ, ମୁଁ ସ୍ୱ ଉଦ୍ୟମ ବଳରେ ସୈତାନ୍‌ର ଆକ୍ରମଣରୁ ବର୍ତି ଯିବି ତେବେ ତାହା କଦାପି ସମ୍ଭବ ନୁହେଁ ବରଂ ଏହା ଏକ ମାଧ୍ୟମ ଏବଂ ତାହା ହେଉଛି ଅଲ୍ଲାଃ ତାଲାଙ୍କଠାରୁ ସାହାଯ୍ୟ ଭିକ୍ଷା କରିବା ଅତଏବ ଅଲ୍ଲାଃ ତାଲା କୁହନ୍ତି: ମୋର ସାହାଯ୍ୟ ପ୍ରାପ୍ତି କରିବାପାଇଁ ତୁମମାନଙ୍କୁ ବହୁଳ ରୂପେ ଇସ୍ତେଗ୍‌ଫାର୍ କରିବାକୁ ହେବ । ଏହା ହିଁ ସେହି ମାଧ୍ୟମ ଯେଉଁ ମାଧ୍ୟମ ଦ୍ୱାରା ଭବିଷ୍ୟତରେ ସଇତାନ୍‌ର ଆକ୍ରମଣରୁ ରକ୍ଷା ମିଳିଥାଏ । ଅତଏବ ଅତିତର ପାପକୁ କ୍ଷମା ଦେବାରେ ମଧ୍ୟ ଏହି ମାଧ୍ୟମ ସହାୟକ ସାବ୍ୟସ୍ତ ହୋଇଥାଏ । ମନୁଷ୍ୟ ଦୁର୍ବଳ ଅଟେ ତେଣୁ ଇସ୍ତେଗ୍‌ଫାର୍ କରିବା ନିହାତି ଆବଶ୍ୟକ କାରଣ ଇସ୍ତେଗ୍‌ଫାର୍‌ର ମନୁଷ୍ୟକୁ ଶକ୍ତି ପ୍ରଦାନ କରିଥାଏ । ମାନବୀୟ ଦୁର୍ବଳତାଠାରୁ ରକ୍ଷା କରିଥାଏ, ସଇତାନର ଆକ୍ରମଣରୁ ରକ୍ଷା କରିବାରେ ଶକ୍ତି ପ୍ରଦାନ କରିଥାଏ । ଅତଏବ ଅହରହ ଇସ୍ତେଗ୍‌ଫାର୍ ଅଲ୍ଲାଃ ତାଲାଙ୍କର ଚୀରଞ୍ଜିବିୟ ଗୁଣକୁ ଆନ୍ଦୋଳିତ କରିବ ଯଦ୍ୱାରା କ୍ଷମାଜାଚନାକାରୀ ପ୍ରତ୍ୟେକ ପ୍ରକାର ମନ୍ଦ ଓ ଅପକର୍ମଠାରୁ ନିଜକୁ ସୁରକ୍ଷିତ ରଖିପାରିବ । ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲା ଆଡ଼କୁ ପାଦ ବଢ଼ାଏ ଅଲ୍ଲାଃ ତାଲା ସେହି ବ୍ୟକ୍ତିକୁ ନିଜ ସହିତ ସଂଶ୍ଳିଷ୍ଟ ରଖିଥାନ୍ତି । ଯେଉଁ ବ୍ୟକ୍ତି ପାପକର୍ମ କରିବା ପରେ ପଶ୍ଚାତାପ କରି, କ୍ଷମା ମାଗି ଅଲ୍ଲାଃ ତାଲାଙ୍କ ଆଡ଼କୁ ଆନତ ହୁଏ ଅଲ୍ଲାଃ ତାଲା ସେହି ବ୍ୟକ୍ତିର କ୍ଷମାଜାଚନାକୁ ସ୍ୱୀକାର ମଧ୍ୟ କରିଥାନ୍ତି । ଯେଉଁ ବ୍ୟକ୍ତି ପାପଠାରୁ ଓ ସଇତାନର ଆକ୍ରମଣରୁ ନିଜକୁ ସୁରକ୍ଷିତ ରଖିବାପାଇଁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଅଗ୍ରସର ହୁଏ ଅଲ୍ଲାଃ ତାଲା ତାହାର କ୍ଷମା ଜାଚନାକୁ ସ୍ୱୀକାର କରନ୍ତି ଏବଂ ସେହି ବ୍ୟକ୍ତିକୁ ସଇତାନର ଆକ୍ରମଣରୁ ଉଦ୍ଧାର କରନ୍ତି । ଅଲ୍ଲାଃ ତାଲାଙ୍କ ଅଶେଷ ଦୟାମୟତା ଓ କ୍ଷମା ଏତେ ବ୍ୟାପକ ଏ ସଂକ୍ରାନ୍ତରେ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କୁହନ୍ତି ମୋର ଦୟା ଓ କରୁଣା ପ୍ରତ୍ୟେକ ବସ୍ତୁ ଉପରେ ପରିବ୍ୟାପ୍ତ ଏ ସଂକ୍ରାନ୍ତରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଜଣେ ବ୍ୟକ୍ତିର କାହାଣୀ ମଧ୍ୟ ଶୁଣାଇଛନ୍ତି । ଜଣେ ବ୍ୟକ୍ତି ୯୯ ଜଣ ବ୍ୟକ୍ତିଙ୍କୁ ହତ୍ୟା କରିବାପରେ ପରିଶେଷରେ ଯେତେବେଳେ ଅନୁତପ୍ତ ହେଲା ସେତେବେଳେ ସେ ତୌବାଃ କରିବାକୁ ମନ ବଳାଇଲା । ସେ ଜଣେ ବିଦ୍ୱାନ ନିକଟକୁ ଗଲା ଓ ତାଙ୍କୁ ଯାଇ ପଚାରିଲା ମୁଁ ୯୯ ଜଣ ବ୍ୟକ୍ତିଙ୍କୁ ହତ୍ୟା କରିଛି ଈଶ୍ୱର ମତେ କ୍ଷମା ଦେଇପାରିବେ ? ଅଥବା ଈଶ୍ୱର ମତେ କ୍ଷମା ଦେବେ କି ? ସେହି ବିଦ୍ୟାନ ଜଣକ ଉତର ଦେଲେ ତୁମେ ଏତେ ସଂଖ୍ୟାରେ ମୂଲ୍ୟବାନ ଜୀବନକୁ ହତ୍ୟା କରିଛ ତେବେ ଅଲ୍ଲାଃ ତାଲା ତୁମକୁ ନିଜ ଶାସ୍ତିରୁ କିଭଳି ବର୍ତି ରଖିପାରିବେ । ଅଲ୍ଲାଃ ତାଲା ତୁମକୁ କିପରି କ୍ଷମା ପ୍ରଦାନ କରିବେ ? ବିଦ୍ୱାନଙ୍କଠାରୁ ଉତର ଶୁଣିବାପରେ ସଂପୃକ୍ତ ବ୍ୟକ୍ତି ଉତ୍ୟକ୍ତ ହୋଇ ତାଙ୍କୁ ମଧ୍ୟ ହତ୍ୟା କରିଦେଲା । ଏହିପରି ଭାବରେ ସେହି ହତ୍ୟାକାରୀଜଣକ ୧୦୦ଜଣ ଲୋକଙ୍କୁ ହତ୍ୟା କରିଦେଲା । ଏହାପରେ ପୁନଶ୍ଚ ସେହି ବ୍ୟକ୍ତି ଅନୁତପ୍ତ ହେଲା ଓ କହିଲା ଏ ମୁଁ କଣ କରିଦେଲି । ଏହାପରେ ଉକ୍ତ ହତ୍ୟାକାରୀ ବ୍ୟକ୍ତି ଆଉ ଜଣେ ବିଦ୍ୱାନଙ୍କ ନିକଟରେ ପହଂଚିଲା ଏବଂ ତାଙ୍କୁ ମଧ୍ୟ ସମାନ୍ କଥା ପଚାରିଲା । ସେହି ବିଦ୍ୱାନଜଣକ ଉକ୍ତ ହତ୍ୟାକାରୀକୁ ଉତର ଦେଲେ ତୌବା ଅର୍ଥାତ କ୍ଷମାଜାଚନାର ଦ୍ୱାର ସର୍ବଦା ଉନ୍ମୁକ୍ତ ରହିଛି ଯଦି ତୁମେ ସହୃଦୟତାର ସହିତ କ୍ଷମାଜାଚନା କରିବାକୁ ଚାହୁଁଛ ତାହେଲେ ଶୁଣ ଅମୁକ ଅଂଚଳକୁ ଚାଲିଯାଅ ସେଠାରେ ଲୋକମାନେ ଅଲ୍ଲାଃ ତାଲାଙ୍କ ଉପାସନାରେ ଅଭ୍ୟସ୍ତ ଅଛନ୍ତି । ଧର୍ମକାର୍ଯ୍ୟ କରୁଛନ୍ତି ତୁମେ ସେଠାକୁ ଯାଇ ସେମାନଙ୍କ ସହିତ ସାମିଲ ହୋଇଯାଅ କିନ୍ତୁ ସ୍ମରଣ ରଖ ତୁମେ ଏହାପରେ କଦାପି ନିଜ ଅଂଚଳକୁ ଆଉ ପ୍ରତ୍ୟାବର୍ତନ କରିବନାହିଁ । ପ୍ରକୃତ କ୍ଷମାଜାଚନା ଏହି କି ଯେ, ତୁମେ ନିଜ ଅଂଚଳକୁ ଅର୍ଥାତ ପାପଶକ୍ତ ମାର୍ଗ ଆଡ଼କୁ ଆଉ ଫେରିବନାହିଁ । ଅତଏବ ସେହି ହତ୍ୟାକାରୀ ସେହି ଅଂଚଳ ଅଭିମୁଖେ ବାହାରି ପଡ଼ିଲା ଏବେ ସେ ଅଧା ବାଟ ଅତିକ୍ରମ କରିଥିଲା କି ତା'ର ମୃତ୍ୟୁ ଘଟିଲା । ସେତେବେଳେ ସେହି ବ୍ୟକ୍ତିର ମରଶରୀରକୁ ସ୍ୱର୍ଗ ଓ ନର୍କର ଦେବଦୂତମାନେ ନେବାପାଇଁ ଆସି ପହଂଚିଗଲେ ଏବଂ ଉଭୟଙ୍କ ମଧ୍ୟରେ ଏହି ବଚସା ହେଲା ଯେ, ସେମାନେ କହିଲେ, ଆମେ ଏହି ବ୍ୟକ୍ତିକୁ ନିଜ ସାଥିରେ ନେଇଯିବୁ । ସ୍ୱର୍ଗର ଦେବଦୁତ କହିଲେ, ଏହି ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ନିକଟରେ କ୍ଷମାଜାଚନା କରିନେଇଥିଲା ତେଣୁ ଆମେ ଏହାକୁ ସ୍ୱର୍ଗଲୋକକୁ ନେଇଯିବୁ । ସେହିପରି ନର୍କର ଦେବଦୂତ କହିଲେ, ଏହି ବ୍ୟକ୍ତି ସାରା ଜୀବନ କୌଣସି ପୂଣ୍ୟ କାର୍ଯ୍ୟ କରିନାହିଁ ସେ କିପରି ସ୍ୱର୍ଗର ଅଧିକାରି ହୋଇପାରିବ । ଏହି ସମୟରେ ଜଣେ ତୃତୀୟ ଦେବଦୂତ ଆସି ପହଂଚିଲେ ତେବେ ଯାଇ କୌଣସି ଉପାୟ ବାହାରିଲା । ଅତଏବ ସେହି ଦେବଦୂତ ମଧ୍ୟସ୍ଥ ହୋଇ ଏହି ବିଚାର କଲେ ଯେ, ଉକ୍ତ ହତ୍ୟାକାରୀ ବ୍ୟକ୍ତିଜଣକ ଯେଉଁ ଅଂଚଳରୁ ଆସିଛି ଏବଂ ସେ ଯେଉଁ ସ୍ଥାନ ଆଡ଼କୁ ଯାଉଥିଲା ତାହାର ଦୂରତା ମାପ କରିନିଅ ଏହି ମାପ ଅନୁଯାୟୀ ସେ ଯେଉଁ ଅଂଚଳ ନିକଟବର୍ତୀ ହୋଇଥିବ ତାହାକୁ ସେହି ଆଡ଼କୁ ଘେନି ନିଆଯିବ । ଅତଏବ ଉଭୟ ଦେବଦୂତ ଯେତେବେଳେ ଦୂରତା ମାପ କଲେ ସେତେବେଳେ ସେ ସେହି ଅଂଚଳର ଖୁବ୍ ନିକଟବର୍ତୀ ଥିଲା ଯେଉଁ ବସ୍ତି ଅଭିମୁଖେ ସେ ବାହାରିଥିଲା । ଅତଏବ ଏଭଳି ପାପକର୍ମ କରିବା ପରେ ପୂଣ୍ୟ କାର୍ଯ୍ୟ କରିବାପ୍ରତି ମନ ବଳାଇବା ଓ ସେଥିପ୍ରତି ଅଗ୍ରସର ହୋଇଥିବା ହତ୍ୟାକାରୀ ଉପରେ କରୁଣାର ଦେବଦୂତ ଦୟା କଲେ ଓ ତାକୁ ସ୍ୱର୍ଗ ଲୋକକୁ ନେଇଗଲେ ।

***(ସହି ମୁସ୍‌ଲିମ୍, କିତାବୁଲ୍ ତୌବାଃ......ହଦିସ୍ ୭୦୦୮)***

ତେବେ ସେ ଯାହା ହେଉ ନା କାହିଁକି ଏହା ହେଉଛି ଅଲ୍ଲାଃ ତାଲାଙ୍କର ସେହି କ୍ଷମା ଯେଉଁ କ୍ଷମା ବଳରେ ଅଲ୍ଲାଃ ତାଲା ଏପରି ଅତ୍ୟାଚାରୀ ଓ ହତ୍ୟାକାରୀକୁ, ଯିଏ ଅଲ୍ଲାଃ ତାଲାଙ୍କ ନିକଟରେ ପବିତ୍ର ହୃଦୟ ସହିତ କ୍ଷମାଜାଚନା କଲା, ସେତେବେଳେ ଅଲ୍ଲାଃ ତାଲା ଉକ୍ତ ବ୍ୟକ୍ତିକୁ ମଧ୍ୟ କ୍ଷମା ପ୍ରଦାନ କରିଦେଇଥିଲେ । ଆଜିକାଲି ଅନେକ ଯୁବପୀଢ଼ୀ ଓ ପିଲାମାନେ ଏହି ପ୍ରଶ୍ନ କରିଥାନ୍ତି ଯେ, ଅଲ୍ଲାଃ ତାଲା କେଉଁ ପର୍ଯ୍ୟନ୍ତ କ୍ଷମା ପ୍ରଦାନ କରିଥାନ୍ତି । ଉକ୍ତ କଥାର ବ୍ୟାଖ୍ୟା ଏହି ହଦିସ୍‌ରୁ ମଧ୍ୟ ସ୍ୱଷ୍ଟ ହୋଇଗଲା ଯେ, ଅଲ୍ଲାଃ ତାଲା କୁହନ୍ତି ମୁଁ କ୍ଷମା ଭିକ୍ଷା କରିବାକୁ ଗ୍ରହଣ କରିଥାଏ ଏବଂ ମୋର ଦୟା ସର୍ବୋତର ବିସ୍ତୃତ ତେଣୁ ଅଲ୍ଲାଃ ତାଲା ଅସୀମ ଓ ଅପାର ଦୟାମୟ କିନ୍ତୁ ସର୍ତ ଏହି କି ଯେ, ଯଦି ମଣିଷ ପ୍ରକୃତରେ ବାସ୍ତବିକ କ୍ଷମା ମାଗିଥାଏ ସେତେବେଳେ ଅଲ୍ଲାଃ ତାଲା ସେହି ବ୍ୟକ୍ତିକୁ କ୍ଷମା ପ୍ରଦାନ କରିଦେଇଥାନ୍ତି । ଏକ ବର୍ଣ୍ଣନାରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କୁହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଅଲ୍ଲାଃ ତାଲା ନିଜ ଭକ୍ତର କ୍ଷମାପ୍ରାର୍ଥନାରେ ଏତେ ପ୍ରସନ୍ନ ହୋଇଥାନ୍ତି ଯେପରି ଜଣେ ବ୍ୟକ୍ତିର ଓଟ ମରୁଭୁମୀରେ ହଜିଯାଏ ଓ ଯେତେବେଳେ ସେହି ଓଟଟି ସେହି ବ୍ୟକ୍ତିକୁ ଅଚାନକ ମିଳିଯାଏ ସେତେବେଳେ ସେହି ବ୍ୟକ୍ତି କେତେ ଆନନ୍ଦିତ ହୋଇଥାଏ ।

***(ସହି ବୁଖାରୀ..... ବାବ ତୌବାଃ, ହଦିସ୍-୬୩୦୯)***

ଅତଏବ ଅଲ୍ଲାଃ ତାଲାଙ୍କ ଆଡ଼କୁ ଅଗ୍ରସର ହେଉଥିବା ବ୍ୟକ୍ତି ଆଡ଼କୁ ମଧ୍ୟ ଅଲ୍ଲାଃ ତାଲା ଅଗ୍ରସର ହୋଇଥାନ୍ତି ଅର୍ଥାତ ତାହା ଆଡ଼କୁ ବଢ଼ିଥାନ୍ତି (ଅଲ୍ଲାଃ ତାଲା କୁହନ୍ତି) ଯଦି କୌଣସି ବ୍ୟକ୍ତି ମୋ ଆଡ଼କୁ ଚାଖଣ୍ଡେ ଆସେ ତେବେ ମୁଁ ସେହି ବ୍ୟକ୍ତି ଆଡ଼କୁ ଦୁଇ ଚାଖଣ୍ଡ ଯାଇଥାଏ । ସେହିପରି ଯେଉଁ ବ୍ୟକ୍ତି ମୋ ଆଡ଼କୁ ହାତେ ଅଗ୍ରସର ହୁଏ ମୁଁ ସେହି ବ୍ୟକ୍ତି ଆଡ଼କୁ ଦୁଇ ହାତ କିମ୍ବା ତର୍ଦ୍ଧୁତ ନିକଟବର୍ତୀ ହୋଇଥାଏ । ଯଦି ସେ ମୋ ଆଡ଼କୁ ଚାଲିକରି ଆସେ ତେବେ ମୁଁ ତା ଆଡ଼କୁ ଦଉଡ଼ି ଚାଲିଯାଇଥାଏ ।

***(ସହି ବୁଖାରୀ..... ହଦିସ୍-୭୪୦୫)***

ଅତଏବ ଆମମାନଙ୍କର ଏହି କର୍ତବ୍ୟ ଯେ, ଆମେମାନେ ପାପରୁ ବର୍ତୀ ରହିବାପାଇଁ ଓ ନିଜର ପାପକୁ ମାର୍ଜନ କରିବାପାଇଁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଅଗ୍ରସର ହେବା ଏବଂ ନର୍କରୁ ସୁରକ୍ଷିତ ରହିବା ପାଇଁ ପ୍ରୟାସ କରିବା । ଅତଏବ ଅଲ୍ଲାଃ ତାଲା ଆମମାନଙ୍କୁ ଏହି ପବିତ୍ର ମାସରେ ଏହି ସବୁ ବିଶେଷ କାର୍ଯ୍ୟ ସକାଶେ ଶକ୍ତି ଓ ସୁଯୋଗ ପ୍ରଦାନ କରିଛନ୍ତି । ତେଣୁ ଆମମାନଙ୍କର ଏହି କର୍ତବ୍ୟ ଯେ, ଆମେମାନେ ଏହି ମାସରୁ ଲାଭାନ୍ୱିତ ହେବା ଉଚିତ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତୌବାଃ ଓ ମଗଫିରତ୍ ଅର୍ଥାତ କ୍ଷମା ପ୍ରାର୍ଥନା କରିବା ଓ କ୍ଷମାଦାନ କରିବା ସମ୍ବନ୍ଧରେ ବ୍ୟାଖ୍ୟା କରି ଏକ ସ୍ଥାନରେ କୁହନ୍ତି ସ୍ମରଣ ରହୁ, କ୍ଷମା ପ୍ରାର୍ଥନା ଓ କ୍ଷମା ପ୍ରଦାନକୁ ପ୍ରତ୍ୟାଖ୍ୟାନ କରିବା ହେଉଛି ବାସ୍ତବପକ୍ଷେ ମାନବିକ ଉନ୍ନତିର ଦ୍ୱାରକୁ ଅବରୁଦ୍ଧ କରିବା ସହିତ ସମାନ କାରଣ ଉକ୍ତ କଥାଟି ପ୍ରତ୍ୟେକଙ୍କ ନିକଟରେ ସ୍ପଷ୍ଟ ଓ ନିର୍ମଳ ରୂପେ ବିଦିତ ଯେ ମନୁଷ୍ୟ ନିଜ ଅସ୍ତିତ୍ୱରେ ପୂର୍ଣ୍ଣ ନୁହେଁ ବରଂ ପୂର୍ଣ୍ଣତ୍ୱର ଆଶ୍ରିତ। ଯେପରି ସେ ନିଜର ବ୍ୟାହିକ ଅବସ୍ଥାରେ ସୃଷ୍ଟି ହୋଇ କ୍ରମଶଃ ନିଜର ଜ୍ଞାନର ପରିସୀମାକୁ ବିସ୍ତୃତ କରିଥାଏ ସେ ପ୍ରଥମରୁ ବିଦ୍ୱାନ, ପଣ୍ଡିତ ହୋଇଯାଇନଥାଏ ଅର୍ଥାତ ଆରମ୍ଭ ରୁ ହିଁ ବିଦ୍ୱାନ କିମ୍ବା ପଣ୍ଡିତ ହୋଇନଥାଏ ବରଂ କ୍ରମଶଃ ଜ୍ଞାନ ଆହୋରଣ କରି ଆସ୍ତେ ଆସ୍ତେ ବିଦ୍ୱାନ ଓ ମନିଷୀରେ ପରିଣତ ହୋଇଥାଏ। ସେହିପରି ଯେତେବେଳେ ମନୁଷ୍ୟ ବିବେକ ସମ୍ପାଳେ ସେତେବେଳେ ତା'ର ଚାରିତ୍ରିକ ଅବସ୍ଥା ଅତ୍ୟନ୍ତ ନିମ୍ନସ୍ତରରେ ରହିଥାଏ। ସୁତରାଂ ଯଦି ଜଣେ ନାବାଳକ ନିଜ ଅବସ୍ଥା ଉପରେ ଧ୍ୟାନ ଦିଏ ସେତେବେଳେ ସେ ସ୍ପଷ୍ଟ ରୂପେ ଏହା ଜାଣିପାରିବ ଯେ, ଛୋଟ ପିଲାମାନେ ସାମାନ୍ୟ କଥା ପାଇଁ ଝଗଡ଼ା ବେଳେ ଅନ୍ୟ ପିଲାଙ୍କୁ ପିଟି ଦେଇଥାନ୍ତି ଓ ସେମାନଙ୍କଠାରେ କଥା କଥାକେ ମିଛ କହିବା ଓ ଅନ୍ୟ ପିଲାମାନଙ୍କୁ ଗାଳିଗୁଲଜ କରିବାରେ ଅଭ୍ୟାସ ସ୍ପଷ୍ଟ ରୂପେ ପ୍ରକାଶ୍ୟ ହୋଇଥାଏ। ସେହିପରି ଆଉ କେତେକ ପିଲାମାନେ ଚୋରି, ଚୁଗୁଲି, ଇର୍ଷା ଓ କୁର୍ପଣ ଭଳି ଅଭ୍ୟାସ ମଧ୍ୟ ପ୍ରକାଶିତ କରିଥାନ୍ତି। ପୁନଶ୍ଚ ଯେତେବେଳେ ଯୁବ ବୟସର ଚପଳାମି ଦ୍ୱାରା ଉତେଜିତ ହୁଅନ୍ତି ସେତେବେଳେ ସେମାନେ ନଫସେ ଅମ୍ମାରା ରୂପକ ବାହନ ଉପେର ଆରୋହଣ କରିଥାନ୍ତି। ଏପରି ଅନେକ ନିର୍ବୋଧ ଓ ଅକଥନୀୟ କର୍ମ ସେମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ ଯଦ୍ୱାରା ସେମାନେ ସ୍ପଷ୍ଟ ଅପକର୍ମ ଓ କୁକର୍ମରେ ଲିପ୍ତ ହୋଇଯାଆନ୍ତି। ସୁତରାଂ ଏହାର ସାରାଂଶ ହେଉଛି ଏହା କି ଅନେକ ବ୍ୟକ୍ତିଙ୍କ ପାଇଁ ପ୍ରାଥମିକ ସୋପାନ ହେଉଛି ଆବର୍ଜନାମୟ ଜୀବନ ପୁନଶ୍ଚ ଯେତେବେଳେ ଜଣେ ପୂଣ୍ୟବାନ ବ୍ୟକ୍ତି ପ୍ରାଥମିକ ବୟସରେ ସେହି ପ୍ଲାବିତ ବନ୍ୟାରୁ ବାହାରକୁ ବାହାରି ଆସେ ସେତେବେଳେ ସେ ନିଜ ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ଦେଇଥାଏ ଓ ପ୍ରକୃତ କ୍ଷମାପାର୍ଥନା କରି ଅନିଚ୍ଛାକୃତ ବାର୍ତାଳାପଠାରୁ ଦୁରେଇ ରହିଥାଏ ଓ ନିଜର ସ୍ୱଭାବର ବସ୍ତ୍ରକୁ ପବିତ୍ର କରିବାପାଇଁ ଚିନ୍ତିତ ରହିଥାଏ। ସାଧାରଣ ଭାବରେ କହିବାକୁ ଗଲେ, ଏହା ହେଉଛି ମାନବୀୟ ଆତ୍ମ ଜୀବନୀ ଯେଉଁ ଆତ୍ମ ଜୀବନକୁ ସମଗ୍ର ମାନବଜାତି ଅତିକ୍ରମ କରିବାକୁ ପଡ଼ିଥାଏ ଅତଏବ ତହିଁରୁ ଏହା ସ୍ପଷ୍ଟ ହେଲା ଯେ, ଯଦି ଏକଥା ସତ୍ୟ ହୁଏ କି ତୌବାଃ ଗ୍ରହଣ ହୁଏନାହିଁ ତଥା ଗୃହିତ ହୁଏନାହିଁ (ଅଲ୍ଲାଃ ତାଲା କାହାରି ମୁକ୍ତି ବା ମୋକ୍ଷ ପ୍ରଦାନ କରିବାକୁ ଇଚ୍ଛା ପ୍ରକାଶ କରନ୍ତିନାହିଁ) ତେବେ ଏହା ପ୍ରମାଣ ହେବ ଯେ ଅଲ୍ଲାଃ ତାଲା କାହାକୁ ନିଜାତ୍ ଅର୍ଥାତ ମୋକ୍ଷ ଦେବାକୁ ଚାହୁଁନାହାନ୍ତି"

***(ଚଶ୍ମାଏ ମାରେଫତ୍, ରୁହାନୀ ଖଜାଇନ୍, ଖଣ୍ଡ-୨୩, ପୃ-୧୯୨-୧୯୩)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଧିକନ୍ତୁ କୁହନ୍ତି: ଏହା ସମ୍ଭବ ନୁହେଁ ଯେ ଅଲ୍ଲାଃ ତାଲା ସମସ୍ତଙ୍କୁ କ୍ଷମା ପ୍ରଦାନ କରିବାକୁ ଚାହାନ୍ତି ନାହିଁ ତାହା ନୁହେଁ ବରଂ ଅଲ୍ଲାଃ ତାଲା କୁହନ୍ତି, ମୁଁ ତୁମମାନଙ୍କୁ ମୋକ୍ଷ ପ୍ରଦାନ କରିବାକୁ ଚାହେଁ। ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସ୍ପଷ୍ଟ ଭାବରେ ଦର୍ଶାଇ ଦେଇଛନ୍ତି ଯେ, ଆରବୀୟ ଅଭିଧାନରେ ତୌବାଃ କରିବାର ଅର୍ଥ ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତନ କରିବାକୁ ବୁଝାଏ ସେହି କାରଣରୁ ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲାଙ୍କ ନାମ ତୌଆବ୍ ବର୍ଣ୍ଣନା ଅଛି। ଯାହାର ଅର୍ଥ ହେଉଛି ମନଯୋଗୀ। ଯେତେବେଳେ ମନୁଷ୍ୟ ପାପଠାରୁ ବିତୃଷ୍ଣା ଭାବ ପ୍ରକାଶ କରି ସ୍ୱଚ୍ଛ ହୃଦୟର ସହିତ ଅଲ୍ଲାଃ ତାଲାଙ୍କ ଆଡ଼କୁ ପ୍ରତ୍ୟାବର୍ତନ କରେ ସେତେବେଳେ ଅଲ୍ଲାଃ ତାଲା ନିଜ ଭକ୍ତ ଅପେକ୍ଷା ଅଧିକ ପ୍ରତ୍ୟାବର୍ତନ ଓ ମନଯୋଗ କରନ୍ତି। ଏହି କଥାଟି ସ୍ପଷ୍ଟ ରୂପେ ପ୍ରକୃତିର ନିୟମ ଅନୁଯାୟୀ କାରଣ ଅଲ୍ଲାଃ ତାଲା ଯେତେବେଳେ ମାନବଜାତିର ସ୍ୱଭାବରେ ଅର୍ଥାତ ପ୍ରକୃତିରେ ଏହି କଥା ରଖିଛନ୍ତି ଯେ ଯେତେବେଳେ ଜଣେ ବ୍ୟକ୍ତି ସତ୍ୟ ହୃଦୟ ହୋଇ ଅନ୍ୟ ମନୁଷ୍ୟ ଆଡ଼କୁ ପ୍ରତ୍ୟାବର୍ତନ କରେ ସେତେବେଳେ ସେହି ବ୍ୟକ୍ତିର ହୃଦୟ ମଧ୍ୟ ତାହା ପ୍ରତି କୋମଳ ହୋଇଯାଇଥାଏ। ଅତଏବ ବୁଦ୍ଧି କାହିଁକି ଏହି କଥାକୁ ଗ୍ରହଣ କରିପାରିବନାହିଁ ଯେ ଭକ୍ତ ତ ସତ୍ୟ ହୃଦୟ ସହିତ ଅଲ୍ଲାଃ ତାଲାଙ୍କ ଆଡ଼କୁ ପ୍ରତ୍ୟାବର୍ତନ କରିବ କିନ୍ତୁ ଅଲ୍ଲାଃ ତାଲା ଭକ୍ତ ଆଡ଼କୁ ମନବଳାଇବେ ନାହିଁ! ଆପୋଷରେ ଦୁଇଜଣ ଲୋକ ଏକଥା ଉପରେ ପରିଚାଳିତ ହୋଇଯାଇଛନ୍ତି ଓ ଏପରି ହେବା ସ୍ୱଭାବିକ ମଧ୍ୟ କିନ୍ତୁ ଅଲ୍ଲାଃ ତାଲାଙ୍କ ସମ୍ପର୍କରେ ଏହା କହିବା ଯେ, ଭକ୍ତ ଅଲ୍ଲାଃଙ୍କ ଆଡ଼କୁ ଟାଣି ହୋଇ ଆସିବା ସତ୍ତ୍ୱେ ମଧ୍ୟ ଅଲ୍ଲାଃ ଭକ୍ତଙ୍କ ପ୍ରତି ଆକୃଷ୍ଟ ହୋଇ ଆସିବନାହିଁ। ଏପରି ନୁହେଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ପ୍ରକୃତ କଥା ହେଉଛି ଅଲ୍ଲାଃ ତାଲାଙ୍କର ଅସ୍ତିତ୍ୱ ତ ଅତ୍ୟନ୍ତ ଅଶେଷ ଦୟାବାନ, ସଦାକରୁଣାମୟ ସେ ନିଜ ଭକ୍ତ ପ୍ରତି ସର୍ବଦା ମନଯୋଗ କରନ୍ତି। ପବିତ୍ର କୁର୍‌ଆନ୍ କରିମ୍‌ରେ ଅଲ୍ଲାଃ ତାଲାଙ୍କର ନାମ ତୌଆବ୍ ରହିଛି ଅର୍ଥାତ ସର୍ବାଧିକ କ୍ଷମାଶୀଳ ତେଣୁ ଭକ୍ତର ଅଲ୍ଲାଃ ତାଲାଙ୍କ ପ୍ରତି ମନଯୋଗ ହେବା ଅନୁତପ୍ତ ଓ ଅନୁସୁଚନା ତଥା ବିନମ୍ର, ବିନୟ ଭାବ ସହିତ ହୋଇଥାଏ। ସେହିପରି ଅଲ୍ଲାଃ ତାଲାଙ୍କର ଭକ୍ତ ପ୍ରତି ମନଯୋଗ ଯଦି ଦୟା ଓ କରୁଣାମୟ ଅଲ୍ଲାଃ ତାଲାଙ୍କ ବିଶେଷ ଗୁଣାବଳୀ ସହିତ ନ ହୁଏ ତେବେ କୌଣସି ବ୍ୟକ୍ତି ମୁକ୍ତି ଓ ମୋକ୍ଷ ପ୍ରାପ୍ତ କରିପାରିବନାହିଁ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ ସେହି ଲୋକମାନେ ଅଲ୍ଲାଃ ତାଲାଙ୍କ ବିଶିଷ୍ଟ ଗୁଣାବଳୀ ଉପରେ ବିଚାର କଲେନାହିଁ ଏବଂ ସେମାନେ ସକଳ ଭରଷା ନିଜର କର୍ମ ଓ କାର୍ଯ୍ୟ ଉପରେ କେନ୍ଦ୍ରିଭୁତ କଲେ କିନ୍ତୁ ସେହି ଈଶ୍ୱର ଯିଏ ଅନ୍ୟ କାହାର ସାହାଯ୍ୟ ନ ନେଇ ଅସଂଖ୍ୟ ପୁରସ୍କାର ମନୁଷ୍ୟ ପାଇଁ ଭୂପୃଷ୍ଠରେ ସୃଷ୍ଟି କରିଦେଇଛନ୍ତି। ଏହା କଣ ଅଲ୍ଲାଃ ତାଲାଙ୍କ ଆଚରଣ ହୋଇପାରିବ ଯେ, ଅତ୍ୟନ୍ତ ଦୁର୍ବଳ ମନୁଷ୍ୟ ଯେତେବେଳେ ନିଜର ଭୂଲକୁ ଜାଣିପାରି ଅଲ୍ଲାଃ ତାଲାଙ୍କ ଆଡ଼କୁ ମନଯୋଗ କରେ ତା ପୁଣି ଏଭଳି ଭାବରେ ଯେଭଳି ସେ ମରିଯାଇଛି ଓ ପ୍ରଥମରୁ ତା' ଶରୀରରେ ଥିବା ଅପବିତ୍ର ବସ୍ତ୍ରକୁ ସେ ନିଜ ଶରୀରରୁ ବାହାର କରିଦେଇଛି ଓ ତା'ର ପ୍ରେମମୂଳକ ଅଗ୍ନିଶିଖାରେ ନିଜକୁ ଭସ୍ମିଭୁତ କରିଦେଇଛି। ଅତଏବ ଅଲ୍ଲାଃ ତାଲା ଏହା ସତ୍ତ୍ୱେ ମଧ୍ୟ ଯଦି ନିଜର ଭକ୍ତ ପ୍ରତି ଦୟାବାନ ହୋଇ ମନଯୋଗ ନ କରନ୍ତି କଣ, ଏହାର ନାମ ଖୁଦାଙ୍କ ପ୍ରକୃତିର ନିୟମ?

***(ଚଶ୍ମାଏ ମାରେଫତ୍, ରୁହାନୀ ଖଜାଇନ୍, ଖଣ୍ଡ-୨୩, ପୃ-୧୩୩-୧୩୪)।***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆହୁରି କୁହନ୍ତି: ଯଦି ମନୁଷ୍ୟ ସତ୍ ହୃଦୟ ରଖି ନିଷ୍ପାପର ହୃଦୟ ହୋଇ ଅଲ୍ଲାଃ ତାଲାଙ୍କ ଆଡ଼କୁ ମନଯୋଗ କରେ ତାହେଲେ ଅଲ୍ଲାଃ ତାଲାଙ୍କ କୃପା ଓ ଦୟାର ଦ୍ୱାର କେବେ ବି ଅବରୁଦ୍ଧ ହୋଇନଥାଏ ବରଂ ଅଲ୍ଲାଃ ତାଲା ତ ଅଶେଷ ଦୟାବାନ ଓ ଅତ୍ୟନ୍ତ ମନଯୋଗୀ। ଅଲ୍ଲାଃ ତାଲାଙ୍କ ସମ୍ପର୍କରେ ଏହା ଭାବିବା ଯେ, ସେ କେଉଁ କେଉଁ ପାପୀଙ୍କୁ କ୍ଷମା ପ୍ରଦାନ କରିବେ, ଏହା ତ ତାଙ୍କ ପ୍ରତି ଦୁଃସାହାସ, ଅଶିଷ୍ଟାଚାର ପ୍ରଦର୍ଶନ କରିବା ସହ ସମାନ। ଅଲ୍ଲାଃ ତାଲାଙ୍କ ଦୟା ଓ କରୁଣା ନିଧି ଅତ୍ୟନ୍ତ ବ୍ୟାପକ, ଅସୀମ ଓ ଅପାର। ତାଙ୍କ ନିକଟରେ ଏହା ଅଭାବ ନାହିଁ କି ତାହାଙ୍କ ଦ୍ୱାର କାହାରି ପାଇଁ ଅବରୁଦ୍ଧ ହୋଇନାହିଁ। ଏହା ଅଗ୍ରେଂଜମାନଙ୍କର ଚାକିରି ପରି ନୁହେଁ ଯେ, ଏତେ ପାଠ ପଢ଼ିଥିବା ଲୋକକୁ କି ଚାକିରି ମିଳିବ। ଆମେମାନେ ଅଲ୍ଲାଃ ତାଲାଙ୍କର ଯେତେ ନିକଟବର୍ତୀ ହେବା ସେତିକି ମର୍ଯ୍ୟାଦା ଲାଭ କରିପାରିବା। ଏହା ହେଉଛି ନିଶ୍ଚିତ ପ୍ରତିଶ୍ରୁତି। ସେହି ମନୁଷ୍ୟ ହେଉଛି ହତଭାଗ୍ୟ ଓ ଅବୋଧ ଯିଏ ଅଲ୍ଲାଃ ତାଲାଙ୍କ ଠାରୁ ନିରାଶ ହୋଇଥାଏ ଓ ପରବର୍ତୀ ମୁହୁର୍ତରେ ତା'ର ଅବଚେତନ ଅବସ୍ଥାରେ ମୃତ୍ୟୁ ଆସି ତା ସମ୍ମୁଖରେ ଉପନୀତ ହୁଏ। ନିଃସନ୍ଦେହ ଏହି ସମୟରେ (ସେହି ନିରାଶ ବ୍ୟକ୍ତି ପାଇଁ ଅଲ୍ଲାଃ ତାଲାଙ୍କ) ଦ୍ୱାର ଅବରୋଦ୍ଧ ହୋଇଯାଇଥାଏ। ***(ମଲଫୁଜାତ୍, ଖଣ୍ଡ-୩, ପୃ-୨୯୬-୨୯୭)***

ଅତଏବ ଅଲ୍ଲାଃ ତାଲାଙ୍କ ଦୟା ମଗଫିରତ୍ ଅର୍ଥାତ (କୃପାର ମାର୍ଗ) ସଦାସର୍ବଦା ଖୋଲା ରହିଛି। ଏଥିପାଇଁ ଏହା ଆବଶ୍ୟକ ଯେ, ମନୁଷ୍ୟ ସଠିକ୍ ଅବସ୍ଥାରେ ମନଯୋଗ କରୁ ନା କି ମୃତ୍ୟୁକ୍ଷଣି ଆସି ପହଂଚିବା ଓ ଶେଷ ନିଶ୍ୱାସ ତ୍ୟାଗ କରିବା ସମୟରେ ଅଲ୍ଲାଃ ତାଲାଙ୍କ ଆଡ଼କୁ ଆନତ ହେଉ। ଅତଏବ ଏହି ଦିନମାନଙ୍କରେ ବିଶେଷ ରୂପେ କ୍ଷମାପ୍ରାର୍ଥନା ଓ ମନଯୋଗ କରିବା ଉଚିତ କାରଣ ଏହି ମାସ ହେଉଛି ପବିତ୍ର ମାସ ଓ ଏହା ଦୁଆ ଗୃହିତ ହେବାର ମାସ। ଏହି ମାସର ଶେଷ ଦଶ ଦିନ ହେଉଛି ନର୍କରୁ ବଚାଂଇବାର ଦିନ। ପାପରୁ କ୍ଷମା ପାଇବା ଓ ପୂଣ୍ୟ କରିବାର ସାମର୍ଥ୍ୟ ଅଲ୍ଲାଃ ତାଲାଙ୍କଠାରୁ ହିଁ ପ୍ରାପ୍ତ ହୋଇଥାଏ। ଆମେ ଯଦି ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିନେବା ତାହେଲେ ଆମର ଇହକାଳ ଓ ପରକାଳ ମଧ୍ୟ ସୁଧୁରି ଯିବ। ମୁଁ ଯେପରି ପୂର୍ବେ କହିଛି କେତେକ ସ୍ଥାନରେ ଅହେମଦୀଙ୍କ ପାଇଁ ସ୍ଥାନକୁ ସଙ୍କୋଚିତ କରି ଦିଆଯାଉଛି ସେହି ସମସ୍ୟାରୁ ବାହାରିବା ପାଇଁ ଏକମାତ୍ର ସାଧନ ହେଉଛି ଆମେମାନେ ନିଜର ସମ୍ପର୍କ ଅଲ୍ଲାଃ ତାଲାଙ୍କ ସହିତ ସୁଦୃଢ଼ କରିବା। ଅଲ୍ଲାଃ ତାଲାଙ୍କ ସହିତ ଯଦି ଆମର ସମ୍ପର୍କ ସୁଦୃଢ଼ ହୋଇଯିବ ତାହେଲେ ଆମମାନଙ୍କର ଦୂରୁଦ୍ ଓ ଓ ଆମମାନଙ୍କର ଇସ୍ତେଗ୍‌ଫାର୍ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାକୁ ଲାଭ କରିବାରେ ସଫଳ ହେବ। ଯଦ୍ୱାରା ଶତୃପକ୍ଷ ଶତଚେଷ୍ଟା କରିବା ସତ୍ତ୍ୱେ ମଧ୍ୟ ଆମର କୌଣସି ଅନିଷ୍ଟ ଓ କ୍ଷତି ସାଧିତ କରିପାରିବନାହିଁ କି ଆମର କୌଣସି ଅମଙ୍ଗଳ କରିପାରିବ ନାହିଁ। କିନ୍ତୁ ଅଲ୍ଲାଃ ତାଲା ଯଦି ଆମ ଉପରେ ପ୍ରସନ୍ନ ନାହାନ୍ତି ତାହେଲେ ସଂସାର କୌଣସି ସାଧନ ଓ ମାଧ୍ୟମ ଆମକୁ ଲାଭ ପହଂଚାଇ ପାରିବନାହିଁ। ଅତଏବ ଆମମାନଙ୍କ ପକ୍ଷେ ଏହା ଆବଶ୍ୟକ ଯେ, ଆମେମାନେ ଅଲ୍ଲାଃ ତାଲାଙ୍କ ସହିତ ନିଜର ସମ୍ପର୍କକୁ ଅଧିକରୁ ଅଧିକ ସୁଦୃଢ଼ କରିବା।

ଚଳିତ ରମ୍‌ଜାନ ମାସରେ ବିରୋଧିଙ୍କ ଦୁଷ୍ଟାମିରୁ ସୁରକ୍ଷିତ ରହିବାପାଇଁ ବହୁତ ଦୁଆ କରିବା। ମୁଁ ଯେପରି କହିଲି କେତେକ ସ୍ଥାନରେ ଅହେମଦୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଅଛି ଓ ତାଙ୍କୁ ନିର୍ଯ୍ୟାତନା ଦିଆଯାଉଛି। ଏହି ଅହେମଦୀ ଭାଇମାନେ ସମସ୍ୟାରେ ପିଡ଼ିତ ଅଛନ୍ତି। ଅଲ୍ଲାଃ ତାଲା ଏମାନଙ୍କ ପାଇଁ ସରଳତା ଓ ସହଜତା ଉତ୍ପନ୍ନ କରନ୍ତୁ। ବିରୋଧି ଶତୃଙ୍କର ଅନିଷ୍ଟତାଠାରୁ ସୁରକ୍ଷିତ ରଖନ୍ତୁ। ପାକିସ୍ତାନରେ ବସବାସ କରୁଥିବା ଅହେମଦୀମାନେ ବିଶେଷ କରି ଏହି ପବିତ୍ର ମାସରେ ନିଜ ପାଇଁ ଓ ଯମାତ୍ ପାଇଁ ଦୁଆ କରନ୍ତୁ। ସେହିଭଳି ଆଜିକାଲି ଯେଉଁ କରୋନା ଭୁତାଣୁ ରୂପକ ମହାମାରୀ ରୋଗ ବ୍ୟାପି ଚାଲିଛି ତହିଁରୁ ଅଲ୍ଲାଃ ତାଲା ସମସ୍ତଙ୍କୁ ସୁରକ୍ଷିତ ରଖନ୍ତୁ। ଦୁଆ କରନ୍ତୁ ଯେ, ଅଲ୍ଲାଃ ତାଲା ଏହି ବିପତିରୁ ପୃଥିବୀକୁ ଉଦ୍ଧାର କରନ୍ତୁ ଓ ଆମମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ। ଅତଏବ ଅଲ୍ଲାଃ ତାଲା ପ୍ରକୃତ ପକ୍ଷରେ ଆମମାନଙ୍କୁ ଦୁରୁଦ୍ ଶରୀଫ୍ ଓ ଇସ୍ତେଗ୍‌ଫାର୍ ପାଠ କରିବାକୁ ଶକ୍ତି ପ୍ରଦାନ କରନ୍ତୁ।

⌘⌘⌘⌘⌘⌘⌘⌘⌘⌘

## ଖୁତ୍‌ବା ଜୁମା ପ୍ରଦତ୍ତ ୨୩ ଏପ୍ରିଲ୍ ୨୦୨୧ର ଅବଶିଷ୍ଟାଂଶ

ସେହିପରି ହଜ୍‌ରତ୍ ଉମର ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସମ୍ପର୍କରେ ଏକ ସପ୍ତମ ବର୍ଣ୍ଣନା ମଧ୍ୟ ଦେଖିବାକୁ ମିଳେ, ଯାହାକି ସହୀ ବୁଖାରୀର ବର୍ଣ୍ଣନା ଅଟେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅ ବର୍ଣ୍ଣନା କରନ୍ତି, ମୁଁ ଯେବେ କୌଣସି ପ୍ରସଙ୍ଗରେ ହଜ୍‌ରତ୍ ଉମର ର:ଅଙ୍କୁ ଏହା କହୁଥିବାର ଶୁଣିଛି ଯେ, "ମୋ ମତରେ ଏହା ଏପରି" ତେବେ ତାହା ସେପରି ହିଁ ହେଉଥିଲା । ଅର୍ଥାତ ହଜ୍‌ରତ୍ ଉମର୍ ର:ଅ ଯେଉଁଭଳି ଭାବୁଥିଲେ ସେହିଭଳି ହେଉଥିଲା । ଏକଦା ହଜ୍‌ରତ୍ ଉମର ର:ଅ ବସିଥିଲେ କି ସେତେବେଳେ ତାଙ୍କ ନିକଟ ଦେଇ ଜଣେ ସୁନ୍ଦର ତରୁଣ ଯୁବକଟି ଅତିକ୍ରମ କଲା । ହଜ୍‌ରତ୍ ଉମର ର:ଅ କହିଲେ, ବୋଧ ହୁଏ ମୋର ଧାରଣା ଭୁଲ ହୋଇପାରେ ଯେ, ଏହି ବ୍ୟକ୍ତି ଜଣକ ଜାହିଲିୟତ୍ ସମୟର ନିଜ ଧର୍ମରେ ଅଛି ଅଥବା ସେହି ଲୋକମାନଙ୍କର ସେ ଜ୍ୟୋତିଷ୍କ ଥିଲା । ସେହ ବ୍ୟକ୍ତିକୁ ମୋ ପାଖକୁ ଆଣ । ଅତଏବ ସେହି ବ୍ୟକ୍ତିକୁ ଆପଣଙ୍କ ନିକଟକୁ ଅଣାଗଲା ଅତଏବ ସେହି ବ୍ୟକ୍ତିକୁ ହଜ୍‌ରତ୍ ଉମର ର:ଅ ଏହା ହିଁ କହିଲେ ଯାହା ପୂର୍ବ ବ୍ୟକ୍ତିକୁ କହିଥିଲେ । ପ୍ରତ୍ୟୁତରରେ ସେହି ବ୍ୟକ୍ତି ଜଣକ କହିବାକୁ ଲାଗିଲେ ମୁଁ ଆଜି ପରିକା ଦିନ କେବେ ବି ଦେଖିନାହିଁ ଯହିଁରେ ମୁସଲମାନମାନଙ୍କୁ ଏପରି ସ୍ୱାଗତ କରାଯାଇଥିବ । ସେହି ବ୍ୟକ୍ତି ପରବର୍ତୀ ସମୟରେ ମୁସଲମାନ ହୋଇଯାଇଥିଲେ । ହଜ୍‌ରତ୍ ଉମର ର:ଅ କୁହନ୍ତି: ମୁଁ ତୁମକୁ ରାଣ ଦେଇ କହୁଛି ଯେ ତୁମେ ମତେ ନିଶ୍ଚିତ ସତ କଥା କହିବ । ସେ କହିଲେ ମୁଁ ନିରକ୍ଷର ଯୁଗରେ ଅର୍ଥାତ ଜାହିଲିୟତ୍ ସମୟରେ ତୁମର ଜ୍ୟୋତିଷ୍କ ଥିଲି । ହଜ୍‌ରତ୍ ଉମର ର:ଅ କହିଲେ ଆଉ କୌଣସି ବିଚିତ୍ର କଥା ଅଛି କି ଯାହା ତୁମର ଜିନ୍ନି ତୁମ ନିକଟକୁ ନେଇ ଆସିଥିବ । ସେ କହିଲା ଏକଦା ମୁଁ ବଜାରରେ ଥିଲି କି ସେ ମୋ ନିକଟକୁ ଆସିଲା ତେବେ ମୁଁ ତାକୁ ଭୟଭୀତ ହେବାର ଅନୁଭବ କଲି । ସେହି ଜିନ୍ନି କହିଲା କଣ ତୁମେ ଜୀନ୍‌ମାନଙ୍କୁ ଦେଖିନାହଁ ସେମାନଙ୍କର ଚିନ୍ତିତ ହେବା ଆଶ୍ଚର୍ଯ୍ୟତା ଓ ସେମାନଙ୍କର ଓଟକୁ ସେମାନଙ୍କ ପଲାଣଗୁଡ଼ିକ, ସେମାନଙ୍କ ସହିତ ଯାଇ ମିଶିଯିବାକୁ । ହଜ୍‌ରତ୍ ଉମର ର:ଅ କହିଲେ ତୁମେ ସତ୍ୟ କହିଛ, ଦିନେ ମୁଁ ସେମାନଙ୍କ ମୂର୍ତି ନିକଟରେ ଶୋଇଥିଲି କି ଜଣେ ବ୍ୟକ୍ତି ଗାଇର ବାଛୁରୀଟିଏ ଆଣିଲା ସେ ବାଛୁରୀଟିକୁ ଜେଭ୍ କଲା । ତେବେ ଜଣେ ଘୋଷକ ଚିତ୍କାର କରି ଘୋଷଣା କଲା, ମୁଁ ତା'ଠାରୁ ଅନ୍ୟ କୌଣସି ବ୍ୟକ୍ତିକୁ ଉଚ୍ଚ ସ୍ୱରରେ ଡ଼ାକୁଥିବାର କେବେ ଶୁଣିନାହିଁ । ସେ କହୁଥିଲା ହେ ସୀମାଲଂଘନକାରୀ ଶତ୍ରୁ ଜଣେ ସଫଳ ତଥା ଅତି ଉତ୍ତମ ବର୍ଣ୍ଣନାକାରୀ ବ୍ୟକ୍ତିଜଣକ କହିଲେ **ଲା ଇଲାହା ଇଲ୍ଲଲ୍ଲାହୁ** ଅର୍ଥାତ ତୁମ୍ଭ ବ୍ୟତିତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହେଁ ଏହା ଶୁଣି ଲୋକମାନେ ବାହାରି ପଡ଼ିଲେ ମୁଁ କହିଲି ମୁଁ ସେପର୍ଯ୍ୟନ୍ତ ବାହାରିବି ନାହିଁ ଯେପର୍ଯ୍ୟନ୍ତ ମୁଁ ଏହା ନ ଜାଣିଛି ଯେ ତା ପଛରେ କିଏ ରହିଛି ପୁନଶ୍ଚ ସ୍ୱର ଶୁଣିଲି ହେ ସୀମା ଲଂଘନକାରୀ ଶତ୍ରୁ ! ଜଣେ ସଫଳ ତଥା ଅତି ଉତ୍ତମ ବର୍ଣ୍ଣନାକାରୀ ବ୍ୟକ୍ତି କହୁଛନ୍ତି **ଲା ଇଲାହା ଇଲଲ୍ଲାଃ** ଅର୍ଥାତ ତୋ ବ୍ୟତିତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହେଁ ପୁଣି ମୁଁ ମଧ୍ୟ ଛିଡ଼ା ହୋଇଗଲି । ଅଧିକ ସମୟ ବିତିନଥିଲା କି ଲୋକମାନେ କହିବାକୁ ଲାଗିଲେ ଇଏ ହେଉଛନ୍ତି ନବୀ । ବୁଖାରୀର କେତେକ ପାଣ୍ଡୁଲିପିରେ **ଲା ଇଲାହା ଇଲ୍ଲଲ୍ଲାହୁ** ସ୍ଥାନରେ **ଲା ଇଲାହା ଇଲ୍ଲା ଅନ୍‌ତା** ମଧ୍ୟ ବର୍ଣ୍ଣିତ ରହିଛି । ତେବେ ଏହି ବର୍ଣ୍ଣନାଟି ହେଉଛି ବୁଖାରୀର । ***(ସହୀ ବୁଖାରୀ...... ହଦିସ୍ ୩୮୬୬)***

ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର ର:ଅଙ୍କ ଇସଲାମ୍ ଧର୍ମ ଗ୍ରହଣ କରିବା ସମ୍ପର୍କରେ ଇତିହାସରୁ ଏବଂ ଅନ୍ୟ ପୁସ୍ତକଗୁଡ଼ିକରେ ବିଭିନ୍ନ ବର୍ଣ୍ଣନା ଦେଖିବାକୁ ମିଳେ । ତନ୍ମଧ୍ୟରୁ ସୁପ୍ରଶିଦ୍ଧ ବର୍ଣ୍ଣନା ଯାହା ଅନେକ ପୁସ୍ତକରେ ବର୍ଣ୍ଣିତ ରହିଛି । ଯେଉଁ ରିୱାୟତ୍‌ରେ ହଜ୍‌ରତ୍ ଉମର ର:ଅ ତରବାରୀ ଧରି ନବୀ କରିମ୍ ସ:ଆ:ସଙ୍କୁ ହତ୍ୟା କରିବାପାଇଁ ବାହାରି ପଡ଼ିଥିଲେ ଏବଂ ବାଟରେ କେହି ଜଣେ ତାଙ୍କୁ କହିଲେ ଯେ, ତୁମେ ପ୍ରଥମେ ନିଜ ଘରର ଖବର ନିଅ ଅର୍ଥାତ ତୁମ୍ଭ ଭାଇ, ଭଉଣୀ ଓ ଭିଣୋଇ ମୁହମ୍ମଦ ସ:ଆ:ସଙ୍କ ଅନୁଗାମୀ ହୋଇଯାଇଛନ୍ତି, ମୁସଲମାନ ହୋଇଯାଇଛନ୍ତି । ଅତଏବ ହଜ୍‌ରତ୍ ଉମର ର:ଅ ନିଜ ଭଉଣୀଙ୍କ ଘରକୁ ବୁଲିପଡ଼ିଥିଲେ । ଅର୍ଥାତ ତାଙ୍କ ଘରର ବାଟ ନେଇଥିଲେ । ଯାହାକି ଅନେକ ରିୱାୟତ୍‌ରେ ବର୍ଣ୍ଣିତ ରହିଛି । ଏତଦ୍‌ଭିନ୍ନ ଆହୁରି ଅନେକ ବର୍ଣ୍ଣନା ଯାହାକି ମୁଁ ପୂର୍ବେ ବର୍ଣ୍ଣନା କରି ଆସିଲି । ସେ ଯାହା ହେଉ ନା କାହିଁକି ଏହି ବର୍ଣ୍ଣନାଗୁଡ଼ିକୁ ଯେଉଁମାନେ ସଠିକ୍ ବୋଲି ମନେ କରନ୍ତି ସେହି ବର୍ଣ୍ଣନା ଗୁଡ଼ିକ ଉପରେ ବଡ଼ ବଡ଼ ଐତିହାସିକମାନେ ମଧ୍ୟ ଓ ଜୀବନି ଲେଖାଳିମାନେ ମଧ୍ୟ ବହୁତ ଯୁକ୍ତିତର୍କ କରିଛନ୍ତି ଏବଂ ତାକୁ ସଠିକ୍ ବୋଲି ଗ୍ରହଣ କରୁଛନ୍ତି । ଅର୍ଥାତ ସେହି ରିୱାୟତ୍ ଯେଉଁଥିରେ ଭଉଣୀ ଓ ଭିଣୋଇଙ୍କ ଘରୁ ହଜ୍‌ରତ୍ ଉମର ର:ଅ ଦାରେ ଅର୍କମ୍‌କୁ ଯାଇଥିଲେ ଏବଂ ସେଠାରେ ଇସ୍‌ଲାମ୍ ଧର୍ମର ଦୀକ୍ଷା ନେଇଥିଲେ ଏବଂ ସେହିଠାରେ ହିଁ ହଜ୍‌ରତ୍ ଉମର ର:ଅଙ୍କ ହୃଦୟରେ ପରିବର୍ତନ ଘଟିଥିଲା । ଯେଉଁଠାରେ ହଜ୍‌ରତ୍ ଉମର ର:ଅ ପବିତ୍ର କୁର୍‌ଆନ୍ କରିମ୍ ଶୁଣିଥିଲେ ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ହିଁ ଏ ସମ୍ପର୍କରେ ଭଲ ଭାବରେ ଜାଣନ୍ତି ।

ହଜ୍‌ରତ୍ ଉମର ର:ଅଙ୍କ ବୟସ ସେତେବେଳେ ୩୩ ବର୍ଷ ଥିଲା । ସେ ନିଜର କବିଲା ବନୁ ଅଦି ସମ୍ପ୍ରଦାୟର ଅଧିପତି ଥିଲେ । ଯେତେବେଳେ ହଜ୍‌ରତ୍ ଉମର ର:ଅ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲେ ସେତେବେଳେ କୁରୈଶ୍‌ର ସନ୍ଦେଶବାହକ ରୂପେ ଦାୟିତ୍ୱ ତୁଲାଉଥିଲେ ସେ ସାହାସୀ, ଦାମ୍ଭିକ ଓ ନିର୍ଭିକ ବ୍ୟକ୍ତି ଥିଲେ । ହଜ୍‌ରତ୍ ଉମର ର:ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଦ୍ୱାରା ମୁସଲମାନମାନଙ୍କୁ ବହୁତ ଉନ୍ନତୀ ଓ ଶକ୍ତି ଲାଭ ହୋଇଥିଲା ଏବଂ ମୁସଲମାନମାନେ ଦାରେ ଅର୍କମ୍‌ରୁ ବାହାରି ପ୍ରକାଶ୍ୟ ରୂପେ ମସ୍‌ଜିଦ୍ ହରାମ୍‌ରେ ନମାଜ ପାଠ କରିଥିଲେ ଏବଂ ନିଜ ଧର୍ମର ମୁକ୍ତ କଣ୍ଠରେ ପ୍ରଚାର କରିଥିଲେ । ହଜ୍‌ରତ୍ ଉମର ର:ଅ ହିଁ ସେହି ଶେଷ ସାହାବି ଥିଲେ ଯିଏ କି ଦାରେ ଅର୍କମ୍‌ରେ ବିଶ୍ୱାସ ଆଣିଥିଲେ । ଏବଂ ତା ନବୀ ସ:ଆ:ସଙ୍କ ଆବିର୍ଭାବ ହେବାର ଷଷ୍ଟ ବର୍ଷର ଶେଷ ମାସର ଘଟଣା ଥିଲା । ସେ ସମୟରେ ମକ୍କାର ମୁସଲମାନମାନଙ୍କ ସଂଖ୍ୟା ଚାଳିଶି ଥିଲା । ***(ସିରତ୍ ଖାତ୍‌ମୁନ୍ ନବିୟିନ୍..... ପୃ-୧୫୯)*** ତାଙ୍କ ଜିବନୀର ଅବଶିଷ୍ଟାଂଶ ଆସନ୍ତାରେ ଚର୍ଚ୍ଚା କରିବି ।

ବର୍ତମାନ ମୁଁ କେତେକ ମୃତକଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି । ଏବଂ ନମାଜ ଜୁମା ପରେ ସେମାନଙ୍କର ନମାଜ ଯନାଜାଃ ଗାଏବ ପାଠ କରାଇବି ।

ତନ୍ମଧ୍ୟରୁ ପ୍ରଥମ ମୃତକ ହେଉଛନ୍ତି ସମ୍ମାନନୀୟ ଅହ୍‌ମଦ୍ ମୁହମ୍ମଦ ଉସ୍‌ମାନ୍ ଶବୁତି ସାହେବ । ସେ ୟମନ୍‌ର ମୁହମ୍ମଦ ଉସ୍‌ମାନ୍ ଶବୁତି ସାହେବଙ୍କର ସୁପୁତ୍ର ଥିଲେ । ଏପ୍ରିଲ୍ ମାସ ୯ ତାରିଖ ଦିନ ୮୭ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଥିଲା । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।**

ସ୍ୱର୍ଗତ ଅହ୍‌ମଦ୍ ମୁହମ୍ମଦ ଉସ୍‌ମାନ୍ ଶବୁତି ସାହେବଙ୍କ ଜନ୍ମ ୟମନ୍‌ର ସହରର ଅଦନ୍‌ଠାରେ ହୋଇଥିଲା । ଯେତେବେଳେ ସମ୍ମାନନୀୟ ଗୁଲାମ୍ ଅହେମଦ୍ ସାହେବ ମୁବଲିଗ୍ ସିଲ୍‌ସିଲା ଅଦନ୍ ଗଲେ ଠିକ୍ ସେତିକିବେଳେ ସ୍ୱର୍ଗତଙ୍କୁ ୧୪ ବର୍ଷ ବୟସ ହୋଇଥିଲା ଏବଂ ସେ ତାଙ୍କ ହାତରେ ବୟତ କରିଥିଲେ । ତା'ପରେ ସ୍ୱର୍ଗତ ଯମାତ୍ ଅହେମଦୀୟା ୟମନ୍‌ର ବିଭିନ୍ନ ପଦ ପଦବୀରେ ରହି କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଥିଲେ । ଦୀର୍ଘ ବର୍ଷ ଧରି ସେ ୟମନ୍‌ର ସଦର ଯମାତ୍ ଭାବରେ ସେବା କରି ଆସୁଥିଲେ । ଏପରି କି ତାଙ୍କର କାଳ ହୋଇଥିଲା । ଅର୍ଥାତ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ପଦବୀରେ ଥିଲେ । ସ୍ୱର୍ଗତ ଉସ୍‌ମାନ୍ ଶବୁତି ସାହେବ୍‌ଙ୍କ ବିବାହ ଡ଼ାକ୍ତର ମୁହମ୍ମଦ ଅହେମଦ୍ ଉଦୁନୀଙ୍କ ସାହେବଙ୍କ ସୁପୁତ୍ରୀ ଶ୍ରୀମତି ଓସିମା ମୁହମ୍ମଦ ସାହିବାଙ୍କ ସହିତ ହୋଇଥିଲା । ସମ୍ମାନନୀୟ ଓସିମା ସାହିବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ହାଜି ମୁହମ୍ମଦ ଦିନ୍ ସାହେବଙ୍କ ଓ ସାହାବିୟା ହଜ୍‌ରତ୍ ହୁସୈନା ବିବି ସାହେବାଙ୍କର ପୌତ୍ରୀ ଥିଲେ । ସ୍ୱର୍ଗତ ଉସ୍‌ମାନ୍ ଶବୁତି ସାହେବଙ୍କର ନିକାହ୍ ତାଙ୍କ ଅନୁପସ୍ଥିତିରେ ରବ୍‌ୱାରେ ହିଁ ହୋଇଥିଲା । କିନ୍ତୁ ସେ ଯାହା ହେଉ ନା କାହିଁକି ସ୍ୱର୍ଗତ ଉସ୍‌ମାନ୍ ଶବୁତି ସାହେବ୍ ମର୍କଜ ସହିତ ଯୋଗାଯୋଗ ସ୍ଥାପନ କଲେ ଓ ରବ୍‌ୱା ଯିବାକୁ ମଧ୍ୟ ସୁଯୋଗ ପ୍ରାପ୍ତକଲେ । ସେ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେଠାରେ ବୟଜ୍ୟୋଷ୍ଠ ସାହାବାମାନଙ୍କ ସହିତ ସାକ୍ଷାତ ମଧ୍ୟ କରିଥିଲେ । ସ୍ୱର୍ଗତ ଉସ୍‌ମାନ୍ ଶବୁତି ସାହେବ୍ ବ୍ରିଟେନ୍‌ର ବିଭିନ୍ନ ନର୍ସିଂ ଓ ହେଲ୍‌ଥ ମ୍ୟାନେଜ୍‌ମେଂଟର ଉଚ୍ଚ ଶିକ୍ଷା ପ୍ରାପ୍ତ କରିଥିଲେ ଏବଂ ଲିଭରପୁଲ୍ ବିଶ୍ୱବିଦ୍ୟାଳୟରୁ ହେଲ୍‌ଥ ଆଡ଼ମିନିଷ୍ଟ୍ରେଟରରେ ମାଷ୍ଟର ଡ଼ିଗ୍ରୀ କଲେ । ୟମନ୍ ର ସେଂଟ୍ରାଲ୍ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍‌ରେ ଡୀନ୍ (Dean) ପଦ ସମେତ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରାୟ ୨୯ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ପଦବୀରେ ଅଧିଷ୍ଠିତ ରହିଥିଲେ । ମଧ୍ୟ ପୂର୍ବ ଦେଶ ବ୍ୟତିତ ଆହୁରି ଅନେକ ଦେଶରେ ଆର୍ନ୍ତଜାତିକ ସ୍ୱାସ୍ଥ୍ୟ ମିଶନର ଅସ୍ଥାୟୀ ପରାମର୍ଶଦାତା ଭାବରେ ସେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ସେ କିଛି ସମୟ ଧରି ଅସୁସ୍ଥ ରହିଆସୁଥିଲେ, କିଛି ମାସ ତଳେ ମିଶରରୁ ସ୍ଥାନାନ୍ତରିତ ହୋଇଯାଇଥିଲେ । ତାଙ୍କର ଏହି ଉଦ୍ୟମ ଥିଲା ଯେ ୟୁ.କେ ଚାଲିଆସିବେ ସେଠାରେ ଅର୍ଥାତ ମିଶର୍‌ରେ ତାଙ୍କର ଚିକିତ୍ସା ମଧ୍ୟ ଚାଲିଥିଲା କିନ୍ତୁ ରୋଗ ଉପଷମ ନ ହେବା ଯୋଗୁଁ ଆହୁରି ଅସୁସ୍ଥତା ବଢ଼ିଯାଇଥିଲା । କିଛି ଦିନ ହସ୍ପିଟାଲ୍‌ରେ ଚିକିତ୍ସିତ ହେବାପରେ ଚଳିତ ଏପ୍ରିଲ୍ ମାସ ୯ ତାରିଖ ଦିନ ସେ ନିଜ ସୃଷ୍ଟିକର୍ତାଙ୍କ ନିକଟରେ ହଜାର ହୋଇଯାଇଥିଲେ । ସ୍ୱର୍ଗତ ଉସ୍‌ମାନ୍ ଶବୁତି ସାହେବ୍ ୱସିୟତ କରିଥିଲେ । ତାଙ୍କର ପତ୍ନୀଙ୍କ ବ୍ୟତିତ ତାଙ୍କର ଜଣେ ପୁଅ ମୁହମ୍ମଦ ଶବୁତି ସାହେବ ଆମେରିକାରେ ଡ଼ାକ୍ତର ଅଛନ୍ତି ଓ ତିନିଜଣ କନ୍ୟା ସନ୍ତାନ ମଧ୍ୟ ରହିଛନ୍ତି । ସେହିପରି ଅନେକ ପୌତ୍ର ଓ ପୌତ୍ରୀମାନେ ମଧ୍ୟ ରହିଛନ୍ତି । ତାଙ୍କର ଜ୍ୟେଷ୍ଠ କନ୍ୟା ୟମନ୍‌ରେ ଅଛନ୍ତି ଓ ଆଉ ଜଣେ କନ୍ୟା ଜର୍ମାନୀରେ, ଏବଂ ମରୱା ଶବୁତି ସାହେବା ଏଠି ୟୁ.କେରେ ଅଛନ୍ତି । ସେ ୟୁ.କେ ରେ ଏମ୍‌ଟିଏ ଅଲ୍‌ଅରବିୟାରେ ସେବା କାର୍ଯ୍ୟ ତୁଲାଉଛନ୍ତି ।

ତାଙ୍କ ଝିଅ ମରୱା ଶବୁତି ସାହେବ କୁହନ୍ତି ମୁଁ ନିଜ ପିତାଙ୍କ ସ୍ନେହ ଓ ମାତାଙ୍କ ସ୍ନେହରେ କେବେହେଲେ ପାର୍ଥକ୍ୟ ଅନୁଭବ କରିନାହିଁ । କୁହାଯାଏ ମାଆର ପାଦ ତଳେ ବୈକୁଣ୍ଠ ଅଛି ବୋଲି କିନ୍ତୁ ମୁଁ ମୋ ପିତାଙ୍କଠୁ ଜଣେ ମାଆ ପରି ସ୍ନେହ ଓ ଆଦର ପାଇଛି । ସେ କୁହନ୍ତି ମୋ ପିତା ଜଣେ ଧର୍ମପରାୟଣ, ପୂଣ୍ୟବନ୍ତ, ଉଚ୍ଚ ଚାରିତ୍ରବାନ ତଥା ବିନିତ ବ୍ୟକ୍ତି ଥିଲେ । ସେ ଜଣେ ଧୈର୍ଯ୍ୟଶୀଳ, ସନ୍ତକ ରକ୍ଷକ, ଅଭାବି ବ୍ୟକ୍ତିଙ୍କ ସାହାଯ୍ୟକାରୀ ତଥା ସମଗ୍ର ମାନବଜାତିକୁ ଅନ୍ତରରୁ ଭଲ ପାଉଥିବା ବ୍ୟକ୍ତି ଥିଲେ । ହଜୁର ଅନୱର ଅ:ବ:ଅ କହିଲେ: ଉପରୋକ୍ତ କଥା ସମ୍ପର୍କରେ ଅନେକ ଲୋକ ଉଲ୍ଲେଖ କରି ମତେ ଚିଠି ଲେଖିଛନ୍ତି ଯେ, ସେ ଏ ସମସ୍ତ ଗୁଣର ଅଧିକାରୀ ଥିଲେ । ଯେଉଁ ଲୋକମାନେ ତାଙ୍କୁ ଭଲ ଭାବରେ ଚିହ୍ନିଥିଲେ ସେ ସମସ୍ତେ ସ୍ୱର୍ଗତ ଉସ୍‌ମାନ୍ ଶବୁତି ସାହେବ୍‌ଙ୍କର ଏ ସୁଗୁଣମାନ ଉଲ୍ଲେଖ କରିଛନ୍ତି । ସେ ନିଜ କାର୍ଯ୍ୟକୁ ଅତ୍ୟନ୍ତ ସୂକ୍ଷ୍ମ ଦୃଷ୍ଟିରେ ସମ୍ପାଦନ କରୁଥିଲେ । ଜଣେ ସମୟାନୁବର୍ତୀ ବ୍ୟକ୍ତି ଓ ପ୍ରତିଶୃତି ରକ୍ଷକାରୀ ବ୍ୟକ୍ତି ଥିଲେ । ଅଧିକାଂଶ ସମୟ ଅଲ୍ଲାଃଙ୍କ

ଉପାସନା ତଥା ନଓ୍ୱାଫିଲ୍ ପାଠ କରୁଥିଲେ । ବାଧ୍ୟତାମୂଳକ ନମାଜ ଅର୍ଥାତ ଫର୍ଜ ନମାଜ ନିୟମିତ ରୂପେ ପାଠ କରୁଥିବା ସହିତ ବିଶେଷ ଧ୍ୟାନ ଦେଉଥିଲେ କି ଠିକ୍ ସମୟରେ କିଭଳି ନମାଜ ସମ୍ପାଦନ କରାଯିବ, ସେଥିପ୍ରତି ତତ୍ପର ରହୁଥିଲେ । ମରୁଓ୍ୱା ଶବୁତି ସାହିବା କୁହନ୍ତି, ୨୦୦୨ ମସିହାରେ ହଜେ ବୟତୁଲ୍ଲାଃ କରିବାକୁ ଅର୍ଥାତ ହଜ୍‌ର କରିବାପାଇଁ ତାଙ୍କୁ ସୌଭାଗ୍ୟ ଲାଭ ହୋଇଥିଲା ।

ୟମନ୍‌ର କାଏମ୍ ମକାମ୍ ଅର୍ଥାତ ପ୍ରତିସ୍ଥାନିକ ସଦର୍ ସାହେବ ଖାଲିଦ୍ ଅଲି ଅଲ୍ ବସରୀ ସାହେବା କୁହନ୍ତି: ସ୍ୱର୍ଗତ ଉସ୍‌ମାନ୍ ଶବୁତି ସାହେବ୍ ବାର୍ଦ୍ଧକ୍ୟ ଜନିତ ବୟସ ସତ୍ୱେ ମଧ୍ୟ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ, ପୂଣ୍ୟ ହୃଦୟଧାରୀ, ସର୍ବଦା ସ୍ମିତହାସ୍ୟପ୍ରଦାନ କରୁଥିବା ଉଦାର ଓ ଅତି ପ୍ରୀୟ ବ୍ୟକ୍ତି ଥିଲେ । ପ୍ରତ୍ୟେକ ଅହେମଦୀଙ୍କ ସହିତ ଜଣେ ସନ୍ତାନବତ୍ସଳ ପିତାଙ୍କ ପରି ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ । ଯେତେବେଳେ ବି ଯମାତ୍‌କୁ ତାଙ୍କର ଆବଶ୍ୟକ ପଡୁଥିଲା ସେ ନିଜର ବ୍ୟକ୍ତିଗତ ପାଣ୍ଠିରୁ ଖର୍ଚ୍ଚ ବହନ କରୁଥିଲେ । ଯେପରି ଯମାତ୍‌ର ପ୍ରିଂଟର, ଫ୍ୟାକ୍ସ ମେଶିନ୍ ଇତ୍ୟାଦି ଆଦି ନିଜ ପାଣ୍ଠିରୁ ଅର୍ଥ କାଢ଼ି ଏ ସବୁ ଜିନିଷ କ୍ରୟ କରିନେଉଥିଲେ । ଗରିବ ଦରିଦ୍ର ଓ ଅସହାୟଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରୁଥିଲେ । ପ୍ରତ୍ୟେକ ଗରିବ ଅହେମଦୀଙ୍କ ଉପରେ ମନଖୋଲି ଖର୍ଚ୍ଚ କରୁଥିଲେ । ଅହେମଦୀ ଅନାଥ ଓ ବିଧବାମାନଙ୍କର ଲାଳନପାଳନ ଓ ଦେଖଭାଲ କରୁଥିଲେ । ଯୁଦ୍ଧରେ ପ୍ରଭାବିତ ହୋଇଥିବା ଜଣେ ଅହେମଦୀ ପରିବାରର ଘରଭଡ଼ା ମଧ୍ୟ ସେ ନିଜସ୍ୱ ପାଣ୍ଠିରୁ ବହନ କରୁଥିଲେ । ବୟସାଧିକ ସତ୍ୱେ ସେ ୨୦୧୮ ମସିହାରେ ଅଦନ୍‌ରୁ ସନାଅ ପର୍ଯ୍ୟନ୍ତ ୨୦ ଘଂଟାର କଠିନ ଯାତ୍ରା କରିଥିଲେ । ଅପରପକ୍ଷରେ ସାଉଦୀମାନଙ୍କ ଆକ୍ରମଣ ଯୋଗୁଁ ସେହି ରାସ୍ତାଟି ଅତ୍ୟନ୍ତ ବିପଦଶଙ୍କୁଳ ଥିଲା । ସ୍ଥାନେ ସ୍ଥାନେ ଚେକିଙ୍ଗ ମଧ୍ୟ ହେଉଥିଲା । ବାର୍ଦ୍ଧକ୍ୟ ଯୋଗୁଁ ତାଙ୍କ ପକ୍ଷେ ଚାଲିବା କଷ୍ଟକର ଥିଲା । ଏହା ସତ୍ୱେ ବି ସେ କେବଳ ସନାଅ ଯମାତ୍ ସହିତ ପବିତ୍ର ଇଦ୍ ନମାଜ ପଢ଼ିବାପାଇଁ ଓ ଦରିଦ୍ର ପରିବାର ବର୍ଗଙ୍କୁ ଇଦ୍ ଦେବା ପାଇଁ ସେମାନଙ୍କ ଖୁସିରେ ସାମିଲ ହେବାପାଇଁ ଏ ଯାତ୍ରା କରିଥିଲେ ଓ କଷ୍ଟ ସହ୍ୟ କରିଥିଲେ । ତାଙ୍କ ଆଗମନ ଯୋଗୁଁ ସମଗ୍ର ସନାଅ ଯମାତ୍ ସେତେବେଳେ ଆନନ୍ଦିତ ହୋଇଯାଇଥିଲା ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ କୁରୈଶୀ ଜକାଉଲ୍ଲାଃ ସାହେବଙ୍କର । ସେ ଜଲ୍‌ସା ସାଲାନା କାର୍ଯ୍ୟାଳୟର ଆକାଉଟାଂଟଂ ଥିଲେ । ତାଙ୍କର ବିୟୋଗ ମଧ୍ୟ ଏପ୍ରିଲ୍ ମାସ ୯ ତାରିଖ ଦିନ ୮୭ ବର୍ଷ ବୟସରେ ଘଟିଥିଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।**

ସ୍ୱର୍ଗତ କୁରୈଶୀ ସାହେବଙ୍କ ବଂଶରେ ତାଙ୍କର ଅଜା ଓ ତାଙ୍କ ପତ୍ନୀଙ୍କ ଜେଜେବାପା ହଜ୍‌ରତ୍ ଖୁର୍ସିଦ୍ ଅଲୀ ସାହେବଙ୍କ ମାଧ୍ୟମରେ ଆସିଥିଲା । ଯେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସ ସିଆଲ୍‌କୋଟ ଆସିଥିଲେ ସେତେବେଳେ ହଜ୍‌ରତ୍ ଖୁର୍ସିଦ ଅଲୀ ସାହେବ ୧୬ ବର୍ଷ ବୟସରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହସ୍ତରେ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । କୁରୈଶି ସାହେବଙ୍କ ପତ୍ନୀଙ୍କ ବିୟୋଗ ହୋଇସାରିଛି । ତାଙ୍କର ପାଂଚଜଣ ପୁତ୍ରୀ ଅଛନ୍ତି ଏବଂ ଏକମାତ୍ର ପୁତ୍ର ଅଛନ୍ତି ଯିଏ ୟୁ.କେ ରେ ହିଁ ପବିତ୍ର କୁର୍‌ଆନ୍ କରିମ୍‌ର ହାଫିଜ୍ ଅଟନ୍ତି । ତାଙ୍କର ଜଣେ ଝିଅ ରବ୍‌ଓ୍ୱାର ପି.ଏସ୍ କାର୍ଯ୍ୟାଳୟରେ କାମ କରୁଥିବା ଆମର ଜଣେ କର୍ମୀଙ୍କ ପତ୍ନୀ ଅଟନ୍ତି । ଦ୍ୱିତୀୟ କନ୍ୟା ମଧ୍ୟ ମଚେଂଷ୍ଟରରେ ରହୁଛନ୍ତି । ଆଉ ଜଣେ ଝିଅଙ୍କର ବିୟୋଗ ହୋଇଯାଇଛି ।

୧୯୫୪ ମସିହାରେ କୁରୈଶି ଜକାଉଲ୍ଲାଃ ସାହେବ୍ ଯମାତ୍‌ର ସେବା, ଅର୍ଥାତ ରିଲିଭିଙ୍ଗ କ୍ଲର୍କ ରୂପେ ଶୁଭାରମ୍ଭ କରିଥିଲେ । ହଜ୍‌ରତ ସାହେବଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍, ସଭାପତି ବୋର୍ଡ଼ର ନିରୀକ୍ଷକଙ୍କ ଅଧିନରେ କାର୍ଯ୍ୟ କରିଥିଲେ । ସ୍ୱର୍ଗତ କୁରୈଶି ସାହେବ ୫୮ ବର୍ଷରୁ ଉର୍ଦ୍ଧ ବୟସ ସଦର ଅଞ୍ଜୁମନ ଅହେମଦୀୟର କର୍ମଚାରୀ ଭାବରେ ଦାୟିତ୍ୱ ତୁଲାଇଥିଲେ । ତାଙ୍କର ସୁପୁତ୍ର ହାଫିଜ୍ ଶମ୍‌ସୁଜ୍ ଜୁହା ସାହେବ କୁହନ୍ତି, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବଙ୍କ ସହିତ ତାଙ୍କୁ ସେବା କରିବାର ଅବସର ମିଳିଥିଲା । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବଙ୍କ ଘରକୁ ମୋ ପିତା ଯାଆନ୍ତି । ଦିନେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବଙ୍କ ଘରକୁ ମୋ ପିତା ଯାଇଥିଲେ ସେଠାରେ ହଜୁର ତାଙ୍କୁ ବସିବାକୁ କହିଲେ, ଏଥିରେ ସେ ଉତର ଦେଲେ ଯେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସନ୍ତାନଙ୍କ ସମ୍ମୁଖରେ କିପରି ସମାନ ଆସନରେ ବସିପାରେ ? ଅର୍ଥାତ ହଜୁର ଯେଉଁ ଆସନରେ ବିରାଜମାନ ହୋଇଛନ୍ତି ସେହଭଳି ଆସନରେ ଅର୍ଥାତ ତାହା ସମ୍ମୁଖରେ ମୁଁ କିଭଳି ସ୍ଥାନ ଗ୍ରହଣ କରିପାରିବି ? ପ୍ରତ୍ୟୁତରରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ କହିଲେ, ଅଲ୍‌ଅମ୍‌ରୋ ଫୌକୁଲ୍ ଅଦବ୍ ଅର୍ଥାତ ଆଦେଶ ପାଳନ କରିବା ହେଉଛି ଶିଷ୍ଟାଚାର ଉପରେ । ଫଳସ୍ୱରୁପ ସ୍ୱର୍ଗତ କୁରୈଶୀ ସାହେବ ବସିପଡ଼ିଲେ । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଅତ୍ୟନ୍ତ ସମ୍ମାନ ପ୍ରଦର୍ଶନ କରିଥିଲେ । ତାଙ୍କ ସୁପୁତ୍ର କୁହନ୍ତି, ମୋର ପିତାଶ୍ରୀ ଅତ୍ୟାନ୍ତ ଶାନ୍ତ ସ୍ୱଭାବର ଅଧିକାରି ଥିଲେ, ସେ ନିୟମିତ ରୂପେ ପାଂଚବେଳା ନମାଜ ପାଠ କରୁଥିଲେ । ତତ୍‌ସହିତ ନମାଜ ତହ୍‌ଜୁଦ୍ ମଧ୍ୟ ନିୟମିତ ଭାବରେ ପାଠ କରୁଥିଲେ । ନିଜର ମୃତକ ପରିଜନମାନଙ୍କ ପକ୍ଷରୁ ଚାନ୍ଦା ପଇଠ କରୁଥିଲେ । ନିଜ ବଂଶର ବୟଜ୍ୟୋଷ୍ଠ ଲୋକମାନଙ୍କୁ ନିଜ ଘରେ ରଖି ସେମାନଙ୍କ ଆଦର ସତ୍କାର ଓ ଯତ୍ନ ନେଉଥିଲେ । କେତେକଙ୍କର ବିୟୋଗ ମଧ୍ୟ ଆମ ଘରେ ରହିଥିବା ଅବସ୍ଥାରେ ହୋଇଛି । ଖିଲାଫତ୍ ସହିତ ସ୍ୱର୍ଗତଙ୍କ ଘନିଷ୍ଠ, ଆନ୍ତରିକତା ଓ ନୈଷ୍ଠିକ ସମ୍ପର୍କ ରହିଥିଲା । ସେ ଆମମାନଙ୍କ ମଧ୍ୟରେ ଏହି ବିଶ୍ୱାସ ସ୍ଥାପନ କରିବାପାଇଁ ସର୍ବାଦ ଚେଷ୍ଟା ଓ କ୍ରୟାସ କରୁଥିଲେ । ସେ କୁହନ୍ତି ଯେ ବାଲ୍ୟାବସ୍ଥାରେ ସେ ଆମକୁ ନମାଜରେ ସାଙ୍ଗରେ ନେଇ ଯାଉଥିଲେ ଓ ବାଟରେ ବହୁବାର ଏହା କହୁଥିଲେ ଯେ, ଉପସ୍ଥିତ ଖଲିଫା ଯେତେବେଳେ ବି ତୁମମାନଙ୍କୁ କୌଣସି ଆଦେଶ ଦିଅନ୍ତି ତାହେଲେ ତୁମେମାନେ ସର୍ବଦା ସେଥିପ୍ରତି ତତ୍ପର ରହିବ ଓ ଆଜ୍ଞାପାଳନ କରିବ । ସେ ଅନେକ ଦରିଦ୍ର ପରିବାରବର୍ଗଙ୍କର ଖର୍ଚ୍ଚ ବହନ କରୁଥିଲେ । ତାଙ୍କର ସୁପୁତ୍ରୀ ଅମ୍‌ତୁସ୍ ସଲାମ୍ ସାହେବା କୁହନ୍ତି କି, ପିତାଶ୍ରୀ ନିଜର ବ୍ୟକ୍ତିଗତ ସମ୍ପତିରୁ ଏକ କନାଲ୍ ପ୍ଲଟ୍ ଜମି ରବଓ୍ୱା ସ୍ଥିତ ନସିରାବାଦ୍ ସୁଲ୍‌ତାନା ସାହିଠାରେ ମସ୍‌ଜିଦ୍ ନିର୍ମାଣ ଉଦ୍ଦେଶ୍ୟରେ ସଦର ଅଞ୍ଜୁମନ୍ ଅହେମଦୀୟା ନାମରେ ଲେଖି ଦେଇଥିଲେ ଅର୍ଥାତ ଦାନ କରିଦେଇଥିଲେ । ପ୍ରାୟତଃ ସେ ଗୋଟିଏ ମାସ ମଧ୍ୟରେ ଦୁଇଥର ପବିତ୍ର କୁର୍‌ଆନ୍ ପାଠ କରି ସମାପ୍ତ କରୁଥିଲେ । ସ୍ୱର୍ଗତଙ୍କର ପାଂଚଜଣ ସୁପୁତ୍ରୀଙ୍କ ବ୍ୟତିତ ଏକ ମାତ୍ର ପୁତ୍ର ଅଛନ୍ତି । ସ୍ୱର୍ଗତ କୁରୈଶୀ ସାହେବ ନିଜର ସନ୍ତାନମାନଙ୍କୁ ସୁଶିକ୍ଷିତ କରି ସେମାନଙ୍କୁ ସୁସଂସ୍କାର ପ୍ରଦାନ କରିଥିଲେ ।

ପରବର୍ତୀ ଯନାଜାଃ ହେଉଛି କାନାଡ଼ାର ସମ୍ମାନନୀୟ ମଲକ୍ ଖାଲିକ୍ ଦାଦ୍ ସାହେବଙ୍କର । ୮୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ତାଙ୍କର ନନା (ଅଜା) ହଜ୍‌ରତ୍ ଶେଖ୍ ନୁରୁଦ୍ଧିନ୍ ସାହେବ ତାଜରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ । ତାଙ୍କର ଜେଜେବାପା ସମ୍ମାନନୀୟ ସ୍ୱର୍ଗତ ମୌଲା ଦାଦ୍ ସାହେବଙ୍କୁ ହଜ୍‌ରତ୍ ଖଲିଫତୁଲ୍ ମସିହ ଅଓ୍ୱଲ୍ ର:ଅଙ୍କ ହସ୍ତରେ ବୟତ କରିବାର ସୌଭାଗ୍ୟ ହୋଇଥିଲା । ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କରାଚିର ସଦର ହଲ୍‌କା ଭାବରେ ସେବା କରିବାର ସୁଯୋଗ ଲାଭ କରିଥିଲେ । ସେ କାନାଡ଼ାରେ ଅର୍ଥ ବିଭାଗରେ କାର୍ଯ୍ୟରତ ଥିଲେ । ନମାଜ ଓ ରୋଜା ନିୟମିତ ରୂପେ ପାଠ କରୁଥିଲେ । ଜଣେ ସହାନୁଭୁତିଶୀଳ ବ୍ୟକ୍ତି, ସ୍ନେହବତ୍ସଳ ବ୍ୟକ୍ତି, ଦରିଦ୍ରମାନଙ୍କର ସହାୟକ, ପୂଣ୍ୟବାନ, ନୈଷ୍ଠିକ ତଥା ବିଶ୍ୱସ୍ତ ବ୍ୟକ୍ତି ଥିଲେ । ଠିକ୍ ସମୟରେ ନିଜ ଚାନ୍ଦା ପଇଠ କରବାର ସେ ଜଣେ ପୁରୋଧା ଥିଲେ । ଖିଲାଫତ୍ ସହିତ ଅସାଧାରଣ ନିଷ୍ଠା ରହିଥିଲା । ସେ ଜଣେ ଓ୍ୱସିୟତକାରୀ ବ୍ୟକ୍ତି ଥିଲେ । ମୃତକଙ୍କ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ପତ୍ନୀଙ୍କ ବ୍ୟତିତ ଚାରିଜଣ ପୁତ୍ର ଓ ତିନିଜଣ ପୁତ୍ରୀ ସନ୍ତାନ ରହିଛନ୍ତି । ତାଙ୍କର ଗୋଟିଏ ସୁପୁତ୍ର କାନାଡ଼ାର ରାଷ୍ଟ୍ରିୟ ଆମେଲାରେ ସଦସ୍ୟ ଭାବରେ କର୍ମରତ ଅଛନ୍ତି ।

ପରବର୍ତୀ ଯନାଜାଃ ହେଉଛି ମୁହମ୍ମଦ ସଲିମ୍ ସାବିର୍ ସାହେବଙ୍କର । ସେ ନିଜାରତ୍ ଉମୁରେ ଆମ୍ମା ବିଭାଗର କର୍ମଚାରୀ ଥିଲେ । ଗତ ମାର୍ଚ୍ଚ ମାସ ୨୭ ତାରିଖ ଦିନ ୭୭ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସଲିମ୍ ସାହେବଙ୍କ ବଂଶରେ ତାଙ୍କର ପିତା, ଯିଏ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ ହଜ୍‌ରତ୍ ମିଆଁ ନୂର୍ ମୁହମ୍ମଦ ସାହେବଙ୍କ ମାଧ୍ୟମରେ ଆସିଥିଲା । ତାଙ୍କ ପିତାଶ୍ରୀ କାଦିୟାନ୍‌ର ନିକଟର୍ବତୀ ଓ୍ୱନ୍‌ଜୁଆଁ ନାମକ ଗ୍ରାମର ଅଧିବାସୀ ଥିଲେ ସେ ସ୍ୱୟମ ୧୯୦୩ ମସିହାରେ କାଦିୟାନ୍ ଯାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହସ୍ତରେ ବୟତ କରିଥିଲେ । ମଇ ମାସ ୧୯ ତାରିଖ ଦିନ ୧୯୬୨ ମସିହାରେ ସଦର ଅଞ୍ଜୁମନ୍ ଅହେମଦୀୟାରେ ସଲିମ୍ ସାବିର୍ ସାହେବଙ୍କର ନିଯୁକ୍ତି ହୋଇଥିଲା । ଏହାପରେ ୧୯୬୮ ମସିହାରେ ଦିଓ୍ୱାନ୍‌ରୁ ପ୍ରାଇଭେଟ୍ ସେକ୍ରେଟାରୀ କାର୍ଯ୍ୟାଳୟର ସଚିବ ଭାବରେ ତାଙ୍କର ବଦଳି ହୋଇଥିଲା । ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ତାଙ୍କୁ ନିଜ କାର୍ଯ୍ୟାଳୟ ପାଇଁ ଚୟନ କରିଥିଲେ । ପୁଣି ୧୯୮୭ ମସିହାରୁ ୨୦୦୬ ମସିହା ପର୍ଯ୍ୟନ୍ତ ସେ ଉମୁରେ ଆମାର ମୁହ୍‌ତସିବ୍ ଅର୍ଥାତ ହିସାବ ରକ୍ଷକ ଭାବରେ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ସେବାକାର୍ଯ୍ୟର ଅବଧି ପ୍ରାୟ ୫୯ ବର୍ଷ ଥିଲା ।

ସ୍ୱର୍ଗତ ସଲିମ୍ ସାହେବ ଓ୍ୱସିୟତ କରିଥିଲେ । ତାଙ୍କର ପୁତୁରା ଏବଂ ଜ୍ୱାଇଁ କୁହନ୍ତି ସେ ନିୟମିତ ଭାବରେ ନମାଜ ତହ୍‌ଜୁଦ୍ ପାଠ କରୁଥିଲେ । ସମସ୍ତ ନମାଜରେ ବିଶେଷ କରି ନମାଜ ତହ୍‌ଜୁଦ୍‌ରେ କୋହଭରା କଣ୍ଠରେ ଦୁଆ କରୁଥିଲେ । ତାଙ୍କ ପାଖରେ ନମାଜ ପଢୁଥିବା ବ୍ୟକ୍ତିଙ୍କ ହୃଦୟ ମଧ୍ୟ ତରଳିଯାଉଥିଲା । ନୁତନ ପିଢ଼ିକୁ ନିୟମିତ ଭାବରେ ଉପସ୍ଥିତ ଖଲିଫାଙ୍କ ଆଜ୍ଞାପାଳନ କରିବାର ସେ ଶିକ୍ଷା ଦେଉଥିଲେ । କାର୍ଯ୍ୟାଳୟର ସମୟ ବ୍ୟତିତ ଅର୍ଥାତ ଅଫିସ୍ ଆଓ୍ୱାର୍ ପରେ ମଧ୍ୟ ସେ ନିଜର ଅତିରିକ୍ତ ସମୟ ଯମାତ ପାଇଁ ଦେଉଥିଲେ । ଯମାତ୍‌ର ଯେ କୌଣସି ସଦସ୍ୟର ଦୁଃଖକୁ ସେ ନିଜର ଦୁଃଖ ବୋଲି ମଣୁଥିଲେ । ଲୋକମାନଙ୍କ ଅଭାବ, ଅସୁବିଧା ଓ ସମସ୍ୟାକୁ ଲାଘବ କରିବାପାଇଁ ମର୍ମେ ମର୍ମେ ଆପ୍ରାଣ ଚେଷ୍ଟା କରୁଥିଲେ । ଉପସ୍ଥିତ ଖଲିଫାଙ୍କ ଆଜ୍ଞାପାଳନ କରିବା ତଥା ସର୍ବଦା ଦରୁଦ୍ ଶରିଫ୍ ପାଠ କରିବା ତାଙ୍କର ନିୟମିତ କାର୍ଯ୍ୟ ଥିଲା । ସେ ନୀରବ ରୂପେ ଦୁଃଖି ଦରିଦ୍ର ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଭଳି ଅସଂଖ୍ୟ ସୁଗୁଣାବଳୀର ଅଧିକାରି ଥିଲେ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟା ନଇମା ଲତିଫ୍ ସାହେବାଙ୍କର । ସେ ଆମେରିକାର ସାହେବଜାଦା ମେହଦୀ ଲତିଫ୍ ସାହେବଙ୍କର ପତ୍ନୀ ଥିଲେ । ମାର୍ଚ୍ଚ ମାସ ୧୦ ତାରିଖ ଦିନ ତାଙ୍କ ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।**

ସ୍ୱର୍ଗତାଙ୍କ ସ୍ୱାମୀ ସମ୍ମାନନୀୟ ସାହାବଜାଦା ମେହେଦୀ ଲତିଫ୍ ସାହେବ ହଜ୍‌ରତ୍ ସାହାବଜାଦା ଅବ୍‌ଦୁଲ୍ ଲତିଫ୍ ସାହେବ ଶହୀଦ୍‌ଙ୍କ ପୌତ୍ର ଥିଲେ । ସ୍ୱର୍ଗତ ୧୯୬୯ରେ ପେଶାଓ୍ୱର ବିଶ୍ୱବିଦ୍ୟାଳୟରୁ ବଟାନିରେ ମାଷ୍ଟର ଡ଼ିଗ୍ରୀ ହାସଲ କରିଥିଲେ । ପୁନଃ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପେଶାଓ୍ୱରର ବଟାନି ବିଭାଗରେ ଗବେଷକ ଭାବରେ କାର୍ଯ୍ୟ ଆରମ୍ଭ

କରିଥିଲେ । ୧୯୭୨ ମସିହା ପର୍ଯ୍ୟନ୍ତ ସେ ଏହି ବିଭାଗ ସହିତ ଜଡ଼ିତ ଥିଲେ । ୧୯୭୦ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ ର:ଅଙ୍କ ଆହ୍ୱାନ କ୍ରମେ ନୁସ୍‌ରତ୍ ଜାହାଁ ସ୍କିମ୍ ଅନ୍ତର୍ଗତ ନିଜକୁ ଉତ୍ସର୍ଗ କରିବାର ସୌଭାଗ୍ୟ ଲାଭ କରିଥିଲେ । ତାଙ୍କର ଛୋଟ ଭାଇ ସଇଦ୍ ମଲକ୍ ସାହେବ ମଧ୍ୟ ନାଇଜେରିଆକୁ ବାହାରି ଯାଇଥିଲେ । ୧୯୭୫ ମସିହା ପର୍ଯ୍ୟନ୍ତ ସେ ସେଠାରେ ଅବସ୍ଥିତ ରହିଥିଲେ । ଏହି ଅବଧି ମଧ୍ୟରେ ସେ Women Arabic Teachers College Gusauର ପ୍ରିନ୍ସିପାଲ୍ ରୂପେ ସେବା କାର୍ଯ୍ୟ ତୁଲାଇଥିଲେ । ୧୯୭୫ ମସିହାରେ ସେ ଆମେରିକା ପାଇଁ ବାହାରିଥିଲେ ସେଠାରେ ସେ ୟୁନିଭରସିଟି ଅଫ୍ ନେବ୍‌ରସକା (University of Nebraska) ବଟାନୀ ବିଭାଗରେ ଗବେଷକ ଭାବରେ କାର୍ଯ୍ୟ କରିଥିଲେ । ସେଥିଅନ୍ତେ ସେ ସେଠାରୁ ମ୍ୟାରିଲ୍ୟାଣ୍ଡ ଚାଲିଆସିଥିଲେ । ମ୍ୟାରିଲ୍ୟାଣ୍ଡରେ ଅହରହ ଭାବରେ ଲଜ୍‌ନାର ସେବା କରିବାକୁ ତାଙ୍କୁ ସୁଯୋଗ ପ୍ରାପ୍ତ ହୋଇଥିଲା ଏବଂ ନାଏବ ସଦର ଲଜ୍‌ନା ଭାବରେ ମଧ୍ୟ ସେ ଆମେରିକାର ନାଏବ୍ ସଦର ଲଜ୍‌ନା ଭାବରେ ଦାୟିତ୍ୱ ତୁଲାଇଥିଲେ । ସେ ୱାସିଂଟନ୍ ଲଜ୍‌ନା ବିଭାଗର ସଦର ଭାବରେ କର୍ତ୍ତବ୍ୟ ମଧ୍ୟ ସମ୍ପାଦନ କରିଥିଲେ । ଅନ୍ୟମାନଙ୍କ ଦୁଃଖ ଓ ଦୁର୍ଦ୍ଦଶାରେ ଭାଗିଦାର ହେଉଥିଲେ । ସେ ଜଣେ ୱସିୟତକାରୀ ମହିଳା ଥିଲେ । ମୃତକାଙ୍କ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ତାଙ୍କର ସ୍ୱାମୀଙ୍କ ବ୍ୟତିତ ଚାରିଭାଇ ଓ ଦୁଇ ଭଉଣୀ ରହିଛନ୍ତି । ତାଙ୍କର କୌଣସି ସନ୍ତାନ ନଥିଲେ । ତାଙ୍କର ଗୋଟିଏ ଭାଇ ଆମେରିକାର ନାଏବ୍ ଅମୀର ଅଛନ୍ତି । ଅନ୍ୟ ଏକ ଭାଇ ଆମେରିକାର ଦାରୁଲ୍ କଜାରେ କାର୍ଯ୍ୟରତ ଅଛନ୍ତି ।

ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟା ସଫିୟା ବେଗମ୍ ସାହେବାଙ୍କର । ସେ କାନାଡ଼ାର ମୁହମ୍ମଦ୍ ଶରୀଫ୍ ସାହେବଙ୍କର ପତ୍ନୀ ଥିଲେ । ମାର୍ଚ୍ଚ ମାସ ୧୧ ତାରିଖ ଦିନ ୮୦ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତା ପେଶାୱର୍ ର ପୂର୍ବତନ ମୁବଲିଗ୍ ସିଲ୍‌ସିଲା ସମ୍ମାନନୀୟ ମୌଲବୀ ଚିରାଗ ଦିନ୍ ସାହେବଙ୍କର ଜ୍ୟେଷ୍ଠ କନ୍ୟା ଥିଲେ । ୱାହ୍‌କେଂଟଠାରେ ଦୀର୍ଘ ସମୟ ଧରି ସଦର ଲଜ୍‌ନା ଭାବରେ ତାଙ୍କୁ ସେବା କରିବାର ସୁଯୋଗ ଲାଭ ହୋଇଥିଲା । ୧୯୯୩ ମସିହାରେ ଏକ ଦୁର୍ଘଟଣାରେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା । ସ୍ୱାମୀଙ୍କ ମୃତ୍ୟୁପରେ ସେ ନିଜ ସନ୍ତାନମାନଙ୍କର ବେଶ୍ ଭଲଭାବରେ ଯତ୍ନ ଓ ଲାଳନପାଳନ କରିଥିଲେ ଓ ପିଲାମାନଙ୍କୁ ଉତମ ଶିକ୍ଷା ଦେଇ ସଂସ୍କାରୀ କରିଥିଲେ । ନିୟମିତ ରୋଜା ଓ ନମାଜ ପାଠକାରୀ ମହିଳା ଥିଲେ । ସେ ନିୟମିତ ନମାଜ ତହ୍‌ଜୁଦ୍ ମଧ୍ୟ ପାଠ କରୁଥିଲେ । ଜଣେ କୃତଜ୍ଞା ମହିଳା ଥିଲେ । ଅତ୍ୟଧିକ ମେଳାପି ସ୍ୱଭାବର ମହିଳା ଥିଲେ । ପୂଣ୍ୟକାରିଣୀ ଓ ସହନାଭୂତିପୂର୍ଣ୍ଣ ମହିଳା ଥିଲେ ଓ ସେ ଏକ ତୃତୀୟାଂଶର ୱସିୟତ୍ କରିଥିଲେ । ମୃତକାଙ୍କ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ଚାରିଜଣ କନ୍ୟା ଓ ଜଣେ ପୁତ୍ର ସନ୍ତାନ ରହିଛନ୍ତି । ସ୍ୱର୍ଗତାଙ୍କ ପ୍ରତ୍ୟେକ ସନ୍ତାନମାନେ କୌଣସି ନା କୌଣସି ରୂପେ ଯମାତ୍‌ର ସେବା କାର୍ଯ୍ୟରେ କାର୍ଯ୍ୟରତ ରହିଛନ୍ତି । ଅଲ୍ଲାଃ ତାଲା ଉପରୋକ୍ତ ସମସ୍ତ ମୃତକ ଓ ମୃତକାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ଉନ୍ନିତ କରନ୍ତୁ । ଆମିନ୍ ॥

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*


### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)


ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଶୈଳୀରେ ଇଂଟିଗ୍ରେସନ୍ କରୁଅଛି । ଯମାତ୍ ତରଫରୁ ବହୁତ ସାହାଯ୍ୟ ସହଯୋଗ ମିଳୁଅଛି ।

ହଜୁର ଅନଓ୍ୱର ଅ:ବ:ଅ ଡ଼େପୁଟି ମିନିଷ୍ଟରଙ୍କୁ ପଚାରିଲେ ଯେ, ବୈଦେଶିକ ମନ୍ତ୍ରୀ ହୋଇଥିବା ଯୋଗୁଁ ଆପଣଙ୍କ ସମ୍ମୁଖରେ କଣ ସବୁ ଚ୍ୟାଲେଞ୍ଜ ରହିଛି ? କ'ଣ Brexit ମାମଲାରେ ମଧ୍ୟ ଆପଣମାନେ ସମ୍ପୃକ୍ତ ଅଛନ୍ତି ? ଏହି ମାମଲା ତ' ବହୁତ ମୁସ୍କିଲ ମାମଲା ଅଟେ ।

ଏଥିରେ ସେ ମହାଶୟ କହିଲେ ଯେ, ନିଶ୍ଚିତ ରୂପେ Brexit ହିଁ ରହିଛି । ଆଜି ମଧ୍ୟ ଏ ସମ୍ବନ୍ଧରେ ନୂଆ ପ୍ରସ୍ତାବ ପାରିତ ହୋଇଛି ଓ ଏକଥା କୁହାଯାଉଛି ଯେ, ଯଥାଶିଘ୍ର ବ୍ରିଟେନ୍‌ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଆମେ ତ ୟୁରୋପିଅନ୍ ୟୁନିୟନ୍‌କୁ ଏକାଠି ରହିବାକୁ ଚାହୁଁଛୁ ସେଥିଯୋଗୁଁ ଜର୍ମାନୀର ବିଶେଷ ଦାୟିତ୍ୱ ରହିଛି ।

ତୃତୀୟ ଅତିଥି ହେଉଛନ୍ତି Member of Parliament CDU Party Frank Heinrich କହିଲେ ଯେ, ମୁଁ ଯମାତ୍ ଅହେମଦୀୟାକୁ ଧନ୍ୟବାଦ ଜଣାଉଛି ଯେ, ସେ ଜର୍ମାନୀରେ ବହୁତ ଭଲ କାମ କରିଚାଲିଛି । ଆପଣଙ୍କ ଯମାତ୍‌ର ଲୋକମାନେ ନା' କେବଳ ଆମ ଭିତରେ ମିଳିମିଶି ଯାଇଛନ୍ତି ବରଂ ଆମ ସମାଜର ଉନ୍ନତି ପାଇଁ ମଧ୍ୟ ଠିକ୍ ଠାକ୍ ଅଂଶିଦାର ରହିଛି ।

ତା'ପରେ ପାକିସ୍ତାନରେ ଅହେମଦୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ବନ୍ଧରେ ଚର୍ଚ୍ଚା ହେଲା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ପାକିସ୍ତାନରେ ଅହେମଦୀମାନଙ୍କର ଅବସ୍ଥା ବହୁକାଳ ହେବ ଗୋଟିଏ ପ୍ରକାରର ରହିଛି । ସେଠିକାର କାନୁନ୍ ଅହେମଦୀମାନଙ୍କୁ ନା କେବଳ ତବ୍‌ଲିଗ୍ କରିବାରୁ ରୋକୁଅଛି ବରଂ ନିଜ ଧର୍ମ ଉପରେ ପରିଚାଳିତ ହେବାପାଇଁ ମଧ୍ୟ ମନା କରୁଛି । ଯଦି ଆମେ "ଅସ୍‌ସଲାମୋ ଆଲୈକୁମ୍" ମଧ୍ୟ କହିଦେଉ ବା ପିଲାମାନଙ୍କର ଇସ୍‌ଲାମୀୟ ନାମ ରଖିଦେଉଛୁ ତେବେ କାନୁନ୍ ଅନୁସାରେ ଆମେ ଦଣ୍ଡ ପାଇବାର ବିବେଚିତ ହେଉଛୁ । କାନୁନ ଆମକୁ ତାହା କରିବାପାଇଁ ଅନୁମତି ଦେଉନାହିଁ । ଯେଉଁ ପର୍ଯ୍ୟନ୍ତ ଏହିଭଳି କାନୁନ ରହିଥିବ ସେ ପର୍ଯ୍ୟନ୍ତ ପରିସ୍ଥିତି ପରିବର୍ତ୍ତନ ହେବାର କୌଣସି ଆଶା ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁ ଲୋକମାନେ ଆମ ସହିତ ସହାନୁଭୁତି ରଖିଛନ୍ତି ଆମେ ସେମାନଙ୍କୁ ଏହି କଥା କହୁଛୁ ଯେ, ସେମାନେ କେବଳ ପାକିସ୍ତାନ ସରକାରଙ୍କୁ ସାଧାରଣ ନିର୍ବାଚନ କରିବାପାଇଁ ଓ ସେଥିରେ ସବୁ ବର୍ଗଙ୍କୁ ଭାଗ ନେବାପାଇଁ ଜୋର୍ ଦିଅନ୍ତୁ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧର୍ମଠାରୁ ଉର୍ଦ୍ଧ୍ୱରେ ରହି ଭୋଟ୍ ଦେବାର ଅଧିକାର ମିଳିବା ଉଚିତ । ଆମକୁ ଏ କଥା କୁହାଯାଉଛି ଯେ, ପ୍ରଥମେ ନିଜକୁ ଅଣମୁସ୍‌ଲିମ୍ ବୋଲି ଭାବ ଓ ପୁଣି ଅଣମୁସ୍‌ଲିମ୍‌ମାନଙ୍କ ପାଇଁ ଯେଉଁ ସିଟ୍‌ଗୁଡ଼ିକ ସଂରକ୍ଷିତ ରହିଛି ସେଥିରେ ନିର୍ବାଚନ ଲଢ଼ । ଆମେ ସେମାନଙ୍କୁ କହୁଛୁ ଯେ, ଆମେ ହେଉଛୁ ମୁସଲମାନ ତେଣୁ ଆମକୁ ଦେଶର ଜଣେ ନାଗରିକ ହିସାବରେ ଭୋଟ ଦେବାର ଅଧିକାର ମିଳିବା ଉଚିତ ।

Blasphemy Laws ସମ୍ବନ୍ଧରେ କଥା ହେଲେ, ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ମୁଁ ଭାବୁନାହିଁ କି ଏହି ଲୋକମାନେ ମୁଲ୍ଲାମାନଙ୍କ ଭୟରୁ "ତୌହିନେ ରିସାଲତ୍ ର କାନୁନ" କୁ ଶେଷ କରିଦେବେ କିନ୍ତୁ ଗୋଟିଏ ହିଁ ରାସ୍ତା ଅଛି ତାହା ହେଉଛି ନିର୍ବାଚନ ଅର୍ଥାତ ସବୁଧର୍ମ ଓ ସବୁ ବର୍ଗର ଲୋକେ ପାର୍ଲାମେଂଟରେ ଯାଇ ସ୍ୱର ଉଠାନ୍ତ କରିବେ । ଏହା ଦ୍ୱାରା ଆମକୁ ଆମର ମୂଳ ଅଧିକାର ମିଳିବା ଆରମ୍ଭ ହୋଇଯିବ । ବର୍ତ୍ତମାନର ସରକାର ମଧ୍ୟ ସେହି ରାସ୍ତାକୁ ଅନୁସରଣ କରିଚାଲିଛି ଯେଉଁ ରାସ୍ତାରେ ପୂର୍ବରୁ ଥିବା ସରକାରଗୁଡ଼ିକ ପରିଚାଳିତ ହେଉଥିଲେ ।

Member of Parliament Frank Heinrich ସାହେବ କହିଲେ ଯେ ମୁଁ ମଧ୍ୟ ଜର୍ମାନୀ ହ୍ୟୁମାନ କମିଟିର ଜଣେ ସଦସ୍ୟ । ମୁଁ ଏହା କହିବାକୁ ଚାହୁଁଛି ଯେ ଆପଣମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଯୋଗୁଁ ଆମକୁ ବହୁତ କଷ୍ଟ ହେଉଅଛି । ମୁଁ ଏହା ଜାଣିବାକୁ ଚାହୁଁଛି ଯେ ୟୁରୋପର ଅନ୍ୟ ମୁସଲମାନମାନ ଫିର୍କାର ଲୋକମାନଙ୍କ ସହିତ ଆପଣଙ୍କର କେଉଁ ପ୍ରକାର ସମ୍ପର୍କ ଅଛି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ମଧ୍ୟ ଜମାତ ଅହେମଦୀୟା ଖିଲାପରେ ପ୍ରପୋଗଣ୍ଡା କରାଯାଉଅଛି । ଆମ ବିରୋଧିମାନେ କହୁଛନ୍ତି

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

ଯେ ଆମେ ଗୋଟିଏ ନୂଆ ନବୀଙ୍କୁ ମାନୁଛୁ ଏବଂ ଆମେ ରସୁଲେ କରିମ୍ ସ:ଆ:ସଙ୍କୁ ଖାତମୁନ୍ ନବୀୟିନ୍ ରୂପେ ମାନୁନାହୁଁ ଓ ଆପଣ ସ:ଆ:ସଙ୍କ ନବୁଓ୍ୱତ୍‌ର ଶ୍ରେଷ୍ଠତ୍ୱକୁ ରଦ୍ଦ କରୁଅଛୁ । ଯେବେ କି ଏକଥା ଠିକ୍ ନୁହେଁ । କିନ୍ତୁ ଏହା ସତ୍ୱେ ମଧ୍ୟ ମୌଲବୀମାନଙ୍କ ତରଫରୁ ଆମ ବିରୋଧରେ ଏହି ପ୍ରପୋଗଣ୍ଡା କରାଯାଉଅଛି ଯେ ଆମେ କୁଆଡ଼େ ଖତ୍‌ମେ ନବୁଓ୍ୱତ୍‌ର ବିରୋଧି ଅଟୁ । ଆମ ବିରୋଧିମାନେ ସାଧାରଣ ମୁସଲମାନମାନଙ୍କ ମୁଣ୍ଡକୁ ଆମ ବିରୁଦ୍ଧରେ ଗୋଳମାଳିଆ କରୁଛନ୍ତି । ଏହା ସତ୍ୱେ ମଧ୍ୟ ବହୁତ ମୁସଲମାନ, ଏପରି କି ଅନେକ ସ୍କଲାର ଓ ବୁଦ୍ଧିଜୀବୀ ଏକଥା ଜାଣିଛନ୍ତି ଯେ ଅହେମଦୀମାନେ ଠିକ୍ ରାସ୍ତାରେ ଅଛନ୍ତି । ଏମାନେ ଆମ ସହିତ ଅଛନ୍ତି ଓ ଆମ ସହିତ ଥିବାର ପ୍ରକାଶ ମଧ୍ୟ କରୁଛନ୍ତି ଏବଂ ଅହେମଦୀମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନିନ୍ଦା ମଧ୍ୟ କରୁଛନ୍ତି । କିନ୍ତୁ ସାଧାରଣ ଲୋକମାନେ ଆମକୁ ବିରୋଧ କରୁଛନ୍ତି । ଏହି ପାଶ୍ଚାତ୍ୟ ଦେଶଗୁଡ଼ିକରେ ପ୍ରତ୍ୟକ୍ଷରେ ତ ଆମକୁ ବିରୋଧ କରାଯାଉନାହିଁ ବରଂ ନିଜ ନିଜର ଶୈଳୀରେ କରୁଛନ୍ତି । ନିଜ ମନ ଭିତରେ ବିରୋଧୀଭାବକୁ ଧରି ରଖିଛନ୍ତି । ସେ ଯାହା ହେଉ ଏହି ପ୍ରପୋଗଣ୍ଡା ଯୋଗୁଁ ଏହି ସବୁ ଦେଶଗୁଡ଼ିକରେ ମଧ୍ୟ ଆମକୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି ।

Omid Nouripourଙ୍କ ପଚାରିବାରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ପାକିସ୍ତାନରେ ପୂର୍ବେ କେତେକ ଖାନ୍‌ଦାନ୍ ଏପରି ଥିଲେ ଯାହାଙ୍କ ସହିତ ଅହେମଦୀମାନଙ୍କର ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଥିଲା । କିନ୍ତୁ ବିରୋଧିମାନଙ୍କ ପ୍ରପୋଗଣ୍ଡା ଯୋଗୁଁ ସେହି ଲୋକମାନେ ମଧ୍ୟ ଦୂରେଇ ଗଲେ ।

ପୁଣି ସେ ପଚାରିଲେ ଯେ ଇମ୍‌ରାନ୍ ଖାନ୍ ପ୍ରଧାନମନ୍ତ୍ରୀ ହେବାପରେ କିଛି ପରିବର୍ତ୍ତନ ଆସିଛି କି ? ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏହି ପ୍ରଶ୍ନର ଉତ୍ତର ଆପଣଙ୍କୁ ଏକଥାରୁ ମିଳିଯିବ ଯେ ଯେତେବେଳେ ଇମ୍‌ରାନ୍ ଖାନ୍ ସାହେବ୍ ଇକୋନୋମିକ୍ ଆଡ୍‌ଭାଇଜରୀ କମିଟି ଗଠନ କରୁଥିଲେ, ସେହି କମିଟିରେ ସେ ଜଣେ ଅହେମଦୀ ମେମ୍ବରଙ୍କୁ ରଖିଥିଲେ । ଏଥିରେ ମୌଲବୀମାନେ ବହୁତ କୋଳାହଳ କଲେ । ସେଥିଯୋଗୁଁ ଇମ୍‌ରାନ୍ ଖାନ୍ ସାହେବଙ୍କୁ ସେହି ଅହେମଦୀ ମେମ୍ବରଙ୍କୁ ଉକ୍ତ କମିଟିରୁ ବାହାର କରିବାକୁ ପଡ଼ିଲା । ଏବେକାର ସରକାର ମଧ୍ୟ ମୁଲ୍ଲାମାନଙ୍କ ସମ୍ମୁଖରେ ଅସହାୟ ଓ ନିରୂପାୟ । ଇମ୍‌ରାନ୍ ଖାନ୍‌ଙ୍କ ଆସିବା ପରେ ମଧ୍ୟ ଅହେମଦୀମାନଙ୍କ ପରିସ୍ଥିତିରେ କିଛି ପରିବର୍ତ୍ତନ ଆସିନାହିଁ । ବରଂ ଅହେମଦୀମାନଙ୍କ ବିରୁଦ୍ଧରେ ପୂର୍ବଠାରୁ ଅଧିକା କେଶ୍ କରାଯାଉଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପାକିସ୍ତାନରେ ଅନେକ ରାଜନେତା ଏ କଥା କହୁଛନ୍ତି ଯେ ମୌଲବୀମାନଙ୍କ ଚାପରେ ସେମାନଙ୍କ ହାତ ବାନ୍ଧି ହୋଇ ରହିଛି କାରଣ ମୌଲବୀମାନଙ୍କ ନିକଟରେ ଲୋକମାନଙ୍କୁ ସଡ଼କ ଉପରକୁ ନେଇଯିବାର ଶକ୍ତି ରହିଛି ।

Member of Parliament Frank Heinrich ସାହେବ କହିଲେ ଯେ Brexit ପରେ କଣ ହଜୁର ୟୁ.କେରେ ରହିବାକୁ ପସନ୍ଦ କରିବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେଉଁଠି ସ୍ୱାଧିନତା ଥିବ ଏବଂ ସବୁ ବର୍ଗର ଲୋକମାନଙ୍କୁ ସେମାନଙ୍କ ନାଗରୀକ ଅଧିକାର ମିଳୁଥିବ, ସେଠାରେ ମୁଁ ସନ୍ତୁଷ୍ଟ ରହିବି ।

ଗୋଟିଏ ପ୍ରଶ୍ନର ଉତ୍ତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ପାକିସ୍ତାନରେ ଚାଳିଶି ବର୍ଷରୁ ଉର୍ଦ୍ଧ୍ୱ ହେବ ଆମକୁ ଅତ୍ୟାଚାରର ସମ୍ମୁଖିନ ହେବାକୁ ପଡୁଅଛି । ଯେଉଁ ପାକିସ୍ତାନୀ ଅହେମଦୀମାନେ ପାକିସ୍ତାନରେ ଅଛନ୍ତି, ସେମାନେ ମଧ୍ୟ ନୀରବତାର ସହିତ ଏହି ଅତ୍ୟାଚାରକୁ ବରଦାସ୍ତ କରିଚାଲିଛନ୍ତି । ଯେଉଁମାନେ ବରଦାସ୍ତ କରିପାରୁନାହାନ୍ତି, ସେମାନେ ସେଠାରୁ ହିଜ୍‌ରତ୍ (ସ୍ଥାନାନ୍ତର) କରି ଚାଲିଯାଉଛନ୍ତି । ସେ ଯାହା ହେଉ ମୋର ଧ୍ୟାନ ତ ଦୁନିଆରେ ଥିବା ସମସ୍ତ ଜମାତଙ୍କ ପାଇଁ ରହିଛି । ନେପାଳରେ, ମାଲେଶିୟାରେ, ଥାଇଲ୍ୟାଣ୍ଡରେ ଏବଂ ଶ୍ରୀଲଙ୍କାରେ ବହୁତ ଅହେମଦୀ ଅଛନ୍ତି, ଯେଉଁମାନେ କଷ୍ଟ ସହ୍ୟ ନ କରିପାରି ପାକିସ୍ତାନରୁ ସେଠାକୁ ଚାଲି ଯାଇଛନ୍ତି । ଏହି ଦେଶଗୁଡ଼ିକରେ UNHCR ସେମାନଙ୍କ କେଶ୍ ଶୁଣୁଛି, ତା'ପରେ ସେହି ଲୋକମାନେ ୟୁରୋପ ଓ ଅନ୍ୟାନ୍ୟ ଦେଶଗୁଡ଼ିକୁ ଚାଲିଯାଉଛନ୍ତି । ଆମକୁ କେବଳ ପାକିସ୍ତାନରେ ବିରୋଧ କରାଯାଉନାହିଁ ବରଂ ଅନ୍ୟ ଦେଶରେ ମଧ୍ୟ କରାଯାଉଅଛି । ଉଦାହରଣ ସ୍ୱରୂପ ମାଲେଶିୟାର କିଛି ରାଜ୍ୟରେ ମଧ୍ୟ ଆମକୁ ଗଏର୍ ମୁସ୍‌ଲିମ୍ (ଅଣମୁସଲମାନ) ବୁଝାଯାଉଅଛି ।

ମୁସଲମାନ ମେମ୍ବର ଅଫ୍ ପାର୍ଲିଆମେଂଟ Omid Nouripour କହିଲେ ଯେ ଆପଣମାନଙ୍କୁ ମାଲେସିୟାରେ ମଧ୍ୟ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏକଥା ଶୁଣି ବହୁତ ଦୁଃଖ ଲାଗୁଛି । କାରଣ ମାଲେସିୟା ତ ଏ ଦାବି କରୁଛି ଯେ, ସେ ମୁସଲମାନ ଦେଶମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ସହିଷ୍ଣୁତା ଓ ସହନଶୀଳ ରାଷ୍ଟ୍ର ଅଟେ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ସାଧାରଣତଃ ମୌଲବୀମାନଙ୍କ ଭିତରେ ବରଦାସ୍ତ କରିବାର ମାତ୍ରା ନାମକୁ ମାତ୍ର ଅର୍ଥାତ ଶୂନ୍ୟ । ଗୋଟିଏ ଫିର୍କା ଅନ୍ୟ ଫିର୍କାକୁ ଖରାପ କହିଥାଏ । ଅବଶ୍ୟ ସେମାନେ ଅନ୍ୟ ସମସ୍ତ ଫିର୍କାର ଲୋକମାନଙ୍କୁ ଆମ ପରି ଗୈର୍ ମୁସ୍‌ଲିମ୍ (ଅଣ ମୁସଲମାନ) ଅଭିହିତ କରିନାହାନ୍ତି । କିନ୍ତୁ ଆପୋଷରେ ସେମାନଙ୍କ ମଧ୍ୟରେ ଶତୃତା ନିଶ୍ଚିତ ରୂପେ ରହିଛି । କିନ୍ତୁ ଆମ ବିରୁଦ୍ଧରେ ୧୯୭୪ ମସିହାରେ ଯେଉଁ କାନୁନ ତିଆରି ହୋଇଥିଲା ଅର୍ଥାତ:- you are not muslim for the purpose of law and constitution ଯେତେବେଳେ ଏହି କାନୁନ୍ ତିଆରି ହେଲା ସେତେବେଳେ ଜଏଂଟ ଇଲେକ୍‌ସନ୍ ହେଉଥିଲା । ପରେ ତାହାକୁ ଶେଷ କରିଦିଆଗଲା । ପୁଣି ୧୯୮୪ ମସିହାରେ ଜିଆଉଲ୍ ହକ୍ ଯେଉଁ କାନୁନ୍ ପ୍ରଣୟନ କଲେ, ସେଥିରେ ଆମ ଉପରେ କଠୋର ପ୍ରତିବନ୍ଧକ ଲଗାଇ ଦିଆଗଲା । ଆମେ ମସ୍‌ଜିଦ୍‌କୁ ମସ୍‌ଜିଦ୍ କହିପାରିବୁ ନାହିଁ, ପିଲାମାନଙ୍କ ନାମ ଅହ୍‌ମଦ୍, ମୁହମ୍ମଦ୍ ବା ଇସ୍‌ଲାମୀୟ ନାମ ରଖିପାରିବୁ ନାହିଁ । ଅସ୍‌ସଲାମୁ ଆଲୈକୁମ୍ କହିପାରିବୁ ନାହିଁ । ଆମ ବିରୁଦ୍ଧରେ କଡ଼ା କାନୁନ୍ ପ୍ରଣୟନ କରାଗଲା ।

ବାର୍ତ୍ତାଳାପ ଚାଲିଥିବା ସମୟରେ ଏ ଚର୍ଚ୍ଚା ଆସିଲା ଯେ ଜର୍ମାନୀ ସରକାର ସିରିୟା ଦେଶରେ ଉପୁଜିଥିବା ସଙ୍କଟକୁ ରାଜନୈତିକ ସ୍ତରରେ ସମାଧାନ କରିବାକୁ ବହୁତ ଚେଷ୍ଟା କରୁଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ସେଠାରେ ଥିବା ରାଜନେତାମାନଙ୍କୁ କହିଲେ ବର୍ତ୍ତମାନ ନିରାଶ୍ରୟ ହୋଇ ଏଣେତେଣେ ଘୁରି ବୁଲୁଥିବା ଲୋକମାନଙ୍କୁ ଆନ୍ତର୍ଜାତୀୟ ସମ୍ପ୍ରଦାୟରୁ ସାହାଯ୍ୟ ସହଯୋଗର ଘୋର ଆବଶ୍ୟକତା ଅଛି ।

ବଙ୍ଗଳା ଦେଶରେ ଜମାତ୍‌ର ଅବସ୍ଥା କି ପ୍ରକାର ଅଛି ? ଏହାର ଉତ୍ତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ବଙ୍ଗଳାଦେଶରେ ସରକାର ନ୍ୟାୟ କରିବାକୁ ଚେଷ୍ଟା କରୁଛି । କିନ୍ତୁ ନିମ୍ନ ସ୍ତରରେ କିଛି ଇଲାକାରେ ସ୍ଥାନୀୟ ପଦାଧିକାରୀଙ୍କ ତରଫରୁ ମୁଲ୍ଲାମାନଙ୍କ ଯୋଗୁଁ ଅସୁବିଧା ହେଉଛି । ସରକାର ଆମ ବିରୋଧି ନୁହେଁ କିନ୍ତୁ ସେଠାରେ ଥିବା ମୁଲ୍ଲାମାନେ ଆମକୁ ବିରୋଧ କରୁଛନ୍ତି । ଜାତୀୟ ସ୍ତରରେ ଲୋକମାନେ ଜ୍ଞାନୀ ଅଛନ୍ତି ସେମାନେ ଜାଣିଛନ୍ତି ଯେ ଯଦି ସେମାନେ ଅହେମଦୀମାନଙ୍କ ସହିତ ସେହିପରି ବ୍ୟବହାର କରିବେ ଯେଉଁପରି ପାକିସ୍ତାନରେ କରାଯାଉଛି, ତା'ହେଲେ ସେମାନେ ମଧ୍ୟ ପାକିସ୍ତାନ ଭଳି ଅସୁବିଧାର ସମ୍ମୁଖିନ ହେବେ । କାରଣ ଏହା ଦ୍ୱାରା ଚରମପନ୍ଥୀ, ଉଗ୍ରବାଦୀମାନଙ୍କୁ ଆଗକୁ ବଢ଼ିବାପାଇଁ ମଉକା ମିଳିଥାଏ ।

ଏହି ମିଟିଙ୍ଗ ୭:୦୦ ଟା ପର୍ଯ୍ୟନ୍ତ ଜାରି ରହିଥିଲା । ତା'ପରେ ସେହି ତିନିଜଣ ମେମ୍ବର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଠିକ୍ ୭:୧୦ ରେ ହଜୁର ଅନଓ୍ୱର ଅ:ବ:ଅ ସେହି ହଲ୍ ଭିତରକୁ ପ୍ରବେଶ କଲେ ଯେଉଁଠି ସମାରୋହ ଅନୁଷ୍ଠିତ ହେଉଥିଲା । ହଜୁରଙ୍କ ଆଗମନ ପୂର୍ବରୁ ଅତିଥିମାନେ ନିଜ ନିଜର ସ୍ଥାନରେ ବସି ସାରିଥିଲେ ।

ଆଜିକାଲି ଏହି ସମାରୋହରେ ସାମିଲ ହୋଇଥିବା ଅତିଥିମାନଙ୍କ ମଧ୍ୟରେ ୨୭ ଜଣ ସଦସ୍ୟ ଜର୍ମାନୀର ଜାତୀୟ ସଭାରୁ ଆସିଥିଲେ, ସେମାନଙ୍କ ମଧ୍ୟରେ ୧୪ ଜଣ ନିଜ ନିଜ ଦଳର ପ୍ରତିନିଧି ଥିଲେ । ଏତଦ୍ ବ୍ୟତୀତ ବୈଦେଶିକ ମନ୍ତ୍ରାଳୟର ତିନିଜଣ ପ୍ରତିନିଧି ଥିଲେ । ସେଥିରେ "ଧର୍ମ ଓ ରାଜନୀତିର ନିର୍ଦ୍ଦେଶକ ମଧ୍ୟ ଥିଲେ । ବୈଦେଶିକ ମନ୍ତ୍ରାଳୟ ଏବଂ କୁଟନୈତିକ ମନ୍ତ୍ରାଳୟର ପ୍ରତିନିଧି ମଧ୍ୟ ଥିଲେ । ଜର୍ମାନୀ ଆର୍ମିର ତିନିଜଣ ଡ଼ାଇରେକ୍ଟର ସାହେବମାନେ ମଧ୍ୟ ଥିଲେ । ୟୁ.ଏସ୍.ଏ ଏବଂ ଫ୍ରେଂଚ ଦୂତାବାସର ରାଜନୈତିକ ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ । ଜାତୀୟ ସଭାର ସଦସ୍ୟମାନଙ୍କର ୧୧ ଜଣ ପ୍ରତିନିଧି ଥିଲେ । ପ୍ରେସ୍ ଏଣ୍ଡ ମିଡ଼ିଆର ଛଅ ଜଣ ପ୍ରତିନିଧି ମଧ୍ୟ ସାମିଲ ଥିଲେ । ପାଂଚଜଣ ପ୍ରଫେସର୍ ମଧ୍ୟ ସାମିଲ ଥିଲେ, ସେଥିରେ ବର୍ଲିନ୍ ୟୁନିଭରସିଟିର ଉପସଭାପତି ଏବଂ ଜର୍ମାନୀରେ ମଧ୍ୟ ପ୍ରାଚ୍ୟ ଉପରେ ଏବେ ପ୍ରତିଷ୍ଠିତ ପ୍ରଫେସର ଷ୍ଟାଏନ୍ ବାଖ୍ ମଧ୍ୟ ସାମିଲ ଥିଲେ । ଏତଦ୍ ବ୍ୟତୀତ ଅନେକ ରାଜନେତା, ଧାର୍ମିକ ନେତା, ଜନକଲ୍ୟାଣ ସଂସ୍ଥା ଏବଂ ନାଗରିକ ସମାଜ ସହିତ ଜଡ଼ିତ ଥିବା ଲୋକମାନେ ମଧ୍ୟ ସାମିଲ ଥିଲେ । ମୋଟ୍ ୮୨ ଜଣ ଅତିଥି ସାମିଲ ହୋଇଥିଲେ ।

ଷ୍ଟେଜ୍ ଉପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ Mr. Niels Annen Minister of State and Deputy Foreign Minister, Mr. Frank Heinrich Member of Parilament Spoke person for Human rights & Omid Nouripour Member of Parliament spoke person of foreign affairs ବସିଥିଲେ ।

ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୁରଆନ୍‌ର ପାଠ ଦ୍ୱାରା ହେଲା ଯାହାକୁ ମୋକରମ୍ ଜରିଉଲ୍ଲାଃ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଜର୍ମାନୀ ଆବୃତି କଲେ ଓ ତା'ପରେ ତାହାର ଜର୍ମାନୀ ଅନୁବାଦ ମଧ୍ୟ ଉପସ୍ଥାପନ କଲେ । ତା'ପରେ ମୋକରମ୍ ଦାଉଦ୍ ଅହ୍‌ମଦ୍ ମଲ୍ଲୁକେ ନ୍ୟାସନାଲ୍ ସେକ୍ରେଟାରୀ ଉମୁରେ ଖାରିଜିଆ ଜର୍ମାନୀ ଯମାତ୍‌ର ପରିଚୟ ପ୍ରଦାନ କଲେ ।

ତା'ପରେ ମୋକରମ୍ ଅମୀର ସାହେବ ଜର୍ମାନୀ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ ନିଜର ସ୍ୱାଗତ ମୂଳକ ଅଭିଭାଷଣ ଉପସ୍ଥାପନ କଲେ ଏବଂ ଅତିଥିମାନଙ୍କୁ ସ୍ୱାଗତ ଜଣାଇଲେ । ଅମୀର ସାହେବ କହିଲେ ଯେ, ଅହେମଦୀୟା ମୁସ୍‌ଲିମ୍ ଯମାତ୍ ହେଉଛି ଗୋଟିଏ ଆଧାତ୍ମିକ ଯମାତ୍ ଓ ଏହା ୨୦୦ରୁ ଅଧିକ ଦେଶରେ ପରିବ୍ୟାପ୍ତ ଏବଂ ଏହି କମ୍ୟୁନିଟିରେ ଅନେକ ମିଲିୟନ୍ ସଦସ୍ୟ ଅଛନ୍ତି । ଯମାତ୍ ଏବଂ ଯମାତ୍‌ର ସଦସ୍ୟମାନେ ସର୍ବଦା ଖୁଦାତାଲାଙ୍କ ରହ୍‌ମାନିୟତ୍ (କରୁଣା)ର ଆଇନା ହେବାପାଇଁ, ସମାଜରେ ଶାନ୍ତି ପ୍ରତିଷ୍ଠା କରିବାପାଇଁ ଏବଂ ମାନବ ସମାଜର ଦୁଃଖ କଷ୍ଟକୁ ଦୂର କରିବାପାଇଁ ଲାଗି ରହିଛନ୍ତି । ଆମର ଏ ବିଶ୍ୱାସ ଯେ, ଧର୍ମ ମାଧ୍ୟମରେ ହିଁ ମଣିଷ ମଧ୍ୟରେ ଏକତା ସୃଷ୍ଟି କରାଯାଇପାରିବ କାରଣ ଜଣେ ମୁସଲମାନ ପାଇଁ ଏହା ଜରୁରୀ ଅଟେ ଯେ, ସେ ସମସ୍ତ ଅମ୍ବିୟା ଓ ପବିତ୍ର ପୁସ୍ତକଗୁଡ଼ିକ ଉପରେ ବିଶ୍ୱାସ ଆଣୁ ।

ଅମୀର ସାହେବ ପୁଣି କହିଲେ, ଇତିହାସ ଦୃଷ୍ଟିକୋଣରୁ ଯଦି ଦେଖାଯାଏ ତେବେ ଯମାତ୍ ଅହେମଦୀୟା ୧୯୨୩ ମସିହାରେ ଜର୍ମାନୀରେ ସ୍ଥାପନ କରାଯାଇଥିଲା ଓ ସେତେବେଳେ ବର୍ଲିନ୍ ସହରରେ ଗୋଟିଏ ମସ୍‌ଜିଦ୍‌ର ଭିତିପ୍ରସ୍ତର ରଖାଯାଇଥିଲା । କିନ୍ତୁ ତାହା ନିର୍ମାଣର କାର୍ଯ୍ୟ Inflation ଏବଂ ସେ ସମୟର ଆର୍ଥିକ ଅବସ୍ଥା ଯୋଗୁଁ ସମ୍ପୂର୍ଣ୍ଣ ହୋଇପାରିନଥିଲା ତେଣୁ ଏ ଦୃଷ୍ଟିକୋଣରୁ

ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 03 June 2021 Issue No. 22

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

### ୨୧ ଅକ୍ଟୋବର ୨୦୧୯ (ସୋମବାର)

**ରିପୋର୍ଟର ବଳକାଅଂଶ**

ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ବର୍ଲିନ୍‌ର ସଦର୍ ଜମାତ୍ ହାଫିଜ୍ ଉସାମା ଅହ୍‌ମଦ୍ ସାହେବ୍ ଏବଂ ମୁବଲ୍ଲିଗ୍ ସିଲ୍‌ସିଲା ବର୍ଲିନ୍ ସଇଦ୍ ଅହ୍‌ମଦ୍ ଆରିଫ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ।

ହଜୁର ଅନଓ୍ୱର ଅ:ବ:ଅ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ତା'ପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ମସ୍‌ଜିଦ୍ ଖଦିଜାଃ ବର୍ଲିନ୍ ସହରର Pankow ଇଲାକାରେ ଅବସ୍ଥିତ । ବର୍ଲିନ୍ ସହରର ଏହି ଇଲାକା ପୂର୍ବତନ ପୂର୍ବଜର୍ମାନୀରେ ସାମିଲ ଥିଲା । ମସ୍‌ଜିଦ୍ ଖଦିଜାଃର ମୂଳଦୁଆ (ଭିତିପ୍ରସ୍ତର) ହଜୁର ଅନଓ୍ୱର ଅ:ବ:ଅ ନିଜର ଜର୍ମାନୀ ଗସ୍ତ ସମୟରେ ୦୨ ଜାନୁୟାରୀ ୨୦୦୭ ମସିହାରେ ରଖିଥିଲେ । ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ୧୭ ଅକ୍ଟୋବର ୨୦୦୮ ମସିହା ପବିତ୍ର ଶୁକ୍ରବାର ଦିନ ଏହାର ଉଦ୍‌ଘାଟନ କରିଥିଲେ ।

ଏହି ମସ୍‌ଜିଦ୍‌ରେ ନମାଜ ପଢ଼ିବା ପାଇଁ ଦୁଇଟି ହଲ୍ ରହିଛି । ପ୍ରତ୍ୟେକ ହଲ୍‌ର କ୍ଷେତ୍ରଫଳ ୧୬୮ ବର୍ଗ ମିଟର ରହିଛି । ମସ୍‌ଜିଦ୍‌ରେ ଥିବା ମିନାରର ଉଚ୍ଚତା ହେଉଛି ୧୩ ମିଟର୍ ଏବଂ ଗମ୍ବୁଜର ଗୋଲେଇ ହେଉଛି ୯ ମିଟର ।

ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ସହିତ ତାହାର ପ୍ରାଙ୍ଗଣରେ ଗୋଟିଏ ଆବାସସ୍ଥଳୀ ଓ କାର୍ଯ୍ୟାଳୟ ନିର୍ମାଣ କରାଯାଇଅଛି । ଆବାସସ୍ଥଳୀ ଥିବା ଭାଗରେ ଗୋଟିଏ ଚାରି କୋଠରୀ ବିଶିଷ୍ଟ ନିବାସ ଏତଦ୍ ବ୍ୟତୀତ ଦୁଇଟି କୋଠରୀ ଓ ଗୋଟିଏ ଅତିଥିଭବନ ସାମିଲ ଅଛି । ଏତଦ୍ ବ୍ୟତୀତ ଚାରୋଟି କାର୍ଯ୍ୟାଳୟ, ଗୋଟିଏ ଲାଇବ୍ରେରୀ ଓ ଗୋଟିଏ କନ୍‌ଫରେନ୍ସ ରୁମ୍ ସାମିଲ ଅଛି । ଏଠାରେ ଏକ ବଡ଼ ଜମାତି ରୋଷେଇଶାଳାର ବ୍ୟବସ୍ଥା ଅଛି ଓ ୨୨ଟି ଗାଡ଼ି ପାର୍କିଙ୍ଗ ପାଇ ସ୍ଥାନ ମଧ୍ୟ ରହିଛି ।

ଏହି ଐତିହାସିକ ମସ୍‌ଜିଦ୍‌ଟି ୧.୭ ମିଲିୟନ୍ ୟୁରୋ ଖର୍ଚ୍ଚ କରାଯାଇ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ଏହାର ଖର୍ଚ୍ଚକୁ ଲଜ୍‌ନା ଇମାଇଲ୍ଲାଃ ବହନ କରିଥିଲେ । ଏହି ମସ୍‌ଜିଦ୍‌ର ଡ଼ିଜାଇନ୍ ଶ୍ରୀମତି ମୁବଶିରାଃ ଇଲ୍‌ୟାସ୍ ସାହିବା ପ୍ରସ୍ତୁତ କରିଥିଲେ । ଏହି ମସ୍‌ଜିଦ୍‌ଟି କେବଳ ମହିଳାମାନଙ୍କ ମାଲି କୁର୍ବାନୀ (ଆର୍ଥିକ ବଳିଦାନ) ଦ୍ୱାରା ନିର୍ମାଣ ହୋଇଥିଲା । ୧.୩ ମିଲିୟନ୍ ୟୁରୋ ଲଜ୍‌ନା ଇମାଇଲ୍ଲାଃ ଜର୍ମାନୀ ବହନ କରିଥିଲା ଯେବେ କି ବାକି ଚାରି ଲକ୍ଷ ୟୁରୋରୁ ବଡ଼ ଅଂଶ ଲଜ୍‌ନା ଇମାଇଲ୍ଲାଃ ୟୁ.କେ ବହନ କରିଥିଲା । ଏହି ଦୁଇ ମହଲା ବିଶିଷ୍ଟ ମସ୍‌ଜିଦ୍‌ଟି ଦୂରରୁ ଦୃଶ୍ୟମାନ ହେଉଅଛି ଏବଂ ଏହାର ଉଚ୍ଚା ମିନାର ଓ ଗମ୍ବୁଜ ଏଥିପ୍ରତି ଲୋକମାନଙ୍କର ଧ୍ୟାନ ଆକର୍ଷଣ କରାଉଛି ।

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୮:୦୦ଟା ବେଳେ ମସ୍‌ଜିଦ୍ ଖଦିଜାଃଠାରେ ପଦାର୍ପଣ କରି ମଗ୍‌ରିବ୍ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ବର୍ଲିନ୍ ସହରଟି ୧୧୮୩ ମସିହାରୁ Spree ନଦୀର କୂଳରେ ଗଢ଼ି ଉଠିଛି । ୮୯୨ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ସହରର ଜନସଂଖ୍ୟା ହେଉଛି ୩.୪ ମିଲିୟନ୍ । ୧୮୭୧ ମସିହାରେ ଏହି ସହରକୁ ପ୍ରଥମଥର ପାଇଁ ଜର୍ମାନୀର ରାଜଧାନୀ ହେବାର ମାନ୍ୟତା ମିଳିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଏହି ସହରର ଜନସଂଖ୍ୟା ୪.୩ ମିଲିୟନ୍ ଥିଲା । ସେଥିରୁ ୨.୮ ମିଲିୟନ୍ ଲୋକ ଜୀବନ ବଂଚାଇ ପାରିଥିଲେ । ସେହିପରି ଛଅ ଲକ୍ଷ ଘର ଧ୍ୱଂସ ହୋଇଯାଇଥିଲା । ବର୍ଲିନର ପ୍ରାଚରୀ ନିର୍ମାଣ ହେବା ଯୋଗୁଁ ଏହି ସହରଟି ଦୁଇ ଭାଗରେ ବିଭକ୍ତ ହୋଇଗଲା । ଗୋଟିଏ ଭାଗ ଋଷ ଦେଶର ପ୍ରଭାବରେ ଆସିଗଲା । ତାହାକୁ ପୂର୍ବ ଜର୍ମାନୀ କୁହାଗଲା । ୧୦ ନଭେମ୍ବର ୧୯୮୧ ମସିହାରେ ବର୍ଲିନ୍ ପ୍ରାଚୀରକୁ ଭାଙ୍ଗି ଦିଆଗଲା ଫଳତଃ ବର୍ଲିନ୍‌ର ଦୁଇଟି ଯାକ ଭାଗ ଏକ ହୋଇଗଲା ।

ମସ୍‌ଜିଦ୍ ଖଦିଜାଃ ଏଥିପାଇଁ ଐତିହାସିକ ଗୁରୁତ୍ୱ ରଖିଛି ଯେ ଏହି ମସ୍‌ଜିଦ୍‌ଟି ସହରର ସେହି ଭାଗରେ ନିର୍ମାଣ ହୋଇଅଛି ଯେଉଁ ଭାଗଟି ଋଷ ଦେଶ ଦ୍ୱାରା ପ୍ରଭାବିତ ଥିଲା । ଏହି ମସ୍‌ଜିଦ୍ ନିର୍ମାଣ ହେବାର ଚର୍ଚ୍ଚା ସାରା ଦୁନିଆରେ ପ୍ରିଂଟ ଓ ଇଲେକ୍‌ଟ୍ରୋନିକ୍ ମିଡ଼ିଆ କରିଥିଲେ ।

### ୨୨ ଅକ୍ଟୋବର ୨୦୧୯ (ମଙ୍ଗଳବାର)

ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟୁଷ ୬:୪୫ ମିନିଟ୍‌ରେ ମସ୍‌ଜିଦ୍ ଖଦିଜାଃଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଠିକ୍ ଦିନ ୨ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ପାର୍ଲାମେଂଟର ସଦସ୍ୟଗଣ, ଧାର୍ମିକ ଓ ରାଜନୈତିକ ବ୍ୟକ୍ତି ବିଶେଷଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ଜର୍ମାନୀର ନ୍ୟାଶ୍‌ନାଲ୍ ପାର୍ଲାମେଂଟର ନିକଟରେ ଆମେରୀକା ଏବଂ ବ୍ରିଟେନ୍‌ର ଦୂତାବାସ ଓ ଜର୍ମାନୀର ପ୍ରଶିଦ୍ଧ Braidenburg Gate ଠାରୁ କିଛି ପାଦ ଦୂରରେ ଅବସ୍ଥିତ Adlon Kempinski ହୋଟେଲ୍‌ଠାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସେଥିରେ ବହୁ ସଂଖ୍ୟକ ପାର୍ଲାମେଂଟ ମେମ୍ବର ଏବଂ ଅନ୍ୟାନ୍ୟ ବରିଷ୍ଠ ସରକାରୀ କର୍ମଚାରୀ ଏବଂ ବହୁ ରାଜନୈତିକ ଓ ଧାର୍ମିକ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ପ୍ରୋଗ୍ରାମ ମୁତାବକ ଠିକ୍ ୫:୩୦ ରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଖଦିଜାଃଠାରୁ ବାହାରିଲେ ଓ ଠିକ୍ ୬:୦୦ ସମୟରେ ସେହି ହୋଟେଲ୍‌ରେ ପଦାର୍ପଣ କଲେ ।

ହଜୁର ଅନଓ୍ୱର ଅ:ବ:ଅ ହୋଟେଲ୍‌ର ମିଟିଙ୍ଗ ରୁମ୍ ଭିତରକୁ ପ୍ରବେଶ କଲେ ଯେଉଁଠି ପୂର୍ବରୁ ଧାର୍ଯ୍ୟ ହୋଇଥିବା ପ୍ରୋଗ୍ରାମ ମୁତାବକ Mr. Niels Annen Minister of State and Deuty Foreign Minister ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କଲେ ।

ସେ ମହାଶୟଙ୍କ ସହିତ ଦୁଇଜଣ ମେମ୍ବର ଅଫ୍ ପାର୍ଲାମେଂଟ ମଧ୍ୟ ଉପସ୍ଥିତ ଥିଲେ । ତାଙ୍କ ମଧ୍ୟରୁ ଜଣେ ହେଉଛନ୍ତି Mr. Frank Heinrich spoke person of Human rights ଏବଂ ଆଉ ଜଣେ ହେଉଛନ୍ତି Mr. Omid Nourpour spokes person of foreign Affairs ।

Mr. Niels Annen Minister of State and Deuty Foreign Minister ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ କହିଲେ ଯେ, ଏଠାକୁ ଆସିବା ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଶୁଣିବା ମୋ ପାଇଁ ବଡ଼ ସୌଭାଗ୍ୟର କଥା । ମୁଁ ହେମ୍ବର୍ଗର ଗୋଟିଏ ଜିଲ୍ଲାର ପ୍ରତିନିଧିତ୍ୱ କରୁଅଛି ଯେଉଁଠି ଯମାତ୍ ଅହେମଦୀୟା ବହୁତ ଶକ୍ରିୟ । ଅହେମଦୀମାନଙ୍କ ସହିତ ମୋର ବହୁତ ଭଲ ସମ୍ପର୍କ ରହିଆସିଛି ଏବଂ ମୁଁ ଅହମଦିମାନଙ୍କ ଦ୍ୱାରା ବହୁତ ପ୍ରଭାବିତ । ଏବେ ହଜୁରଙ୍କ ସହିତ ସାକ୍ଷାତ କରି ମୁଁ ବହୁତ ଆନନ୍ଦିତ ଓ ଗର୍ବ ଅନୁଭବ କରୁଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ତ ପୂର୍ବରୁ ହିଁ ଅହେମଦୀୟା କମ୍ୟୁନିଟିକୁ ଜାଣିଛନ୍ତି । ଏହା ଶୁଣି ସେ ମହାଶୟ କହିଲେ, ମୁଁ ବହୁତ ଭଲ ଭାବେ ଜାଣିଛି ।

ସେ ମହାଶୟ ହଜୁର ଅନଓ୍ୱର ଅ:ବ:ଅଙ୍କ ଗସ୍ତ ସମ୍ବନ୍ଧରେ ପଚାରି ବୁଝିଲେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ମୁଁ ଏ ବର୍ଷ ପ୍ରଥମେ ଜଲ୍‌ସା ସାଲାନା ଜର୍ମାନୀରେ ଯୋଗ ଦେବାପାଇଁ ଆସିଥିଲି କିନ୍ତୁ ଜର୍ମାନୀର ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି କିଛି ମସ୍‌ଜିଦ୍‌କୁ ଉଦ୍‌ଘାଟନ କରିବା ଓ ଆଜିର ଏହି ସମ୍ମିଳନୀରେ ସାମିଲ ହେବାର ଥିଲା ।

ବର୍ଲିନ୍‌ଠାରେ ସମ୍ମିଳନୀ ସମ୍ବନ୍ଧରେ ବାର୍ତାଳାପ ହେଲା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଠି ଜର୍ମାନୀରେ ଆଜିକାଲି Islamic Civilisation and Culture and it's integration ବିଷୟବସ୍ତୁ ଉପରେ ବହୁତ ଚର୍ଚ୍ଚା ଚାଲିଛି, ତେଣୁ ଜର୍ମାନୀ ଯମାତ୍‌ର ସଦସ୍ୟମାନେ ଏ ଇଚ୍ଛା ପ୍ରକାଶ କରିଥିଲେ ଯେ, ମୁଁ ଏଠାକୁ ଆସି ଏହି ବିଷୟବସ୍ତୁ ଉପରେ ଅଭିଭାଷଣ ପ୍ରଦାନ କରିବି । ତେଣୁ ମୁଁ ସେଥିପାଇଁ ଏଠାକୁ ଆସିଛି ଯେ, ମୁଁ ଏକଥା ବତାଇବି କି, ଇସ୍‌ଲାମ୍‌କୁ ଭୟ କରିବାକୁ କୌଣସି କାରଣ ନାହିଁ । ଯେଉଁଠି ପାଶ୍ଚାତ୍ୟ ସଭ୍ୟତା ଏତେ ସୁଦୃଢ଼ ସେଠି ଡ଼ରିବାର କଣ କଥା ରହିଲା । କଣ ଏହି ସଭ୍ୟତାକୁ ସହଜରେ ଶେଷ କରିଦିଆଯିବ ? ଆଜି ଏହି ବିଷୟବସ୍ତୁ ଉପରେ କିଛି ଚର୍ଚ୍ଚା କରିବି ।

ସେ ମହାଶୟଙ୍କର ପଚାରିବାରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଠି ଜର୍ମାନୀରେ ଆଉ କିଛି ଦିନ ମୋର ରହଣୀ ଅଛି । ଏବେ ବର୍ଲିନ୍‌ରୁ ମୁଁ କାଲି ହେମ୍ବର୍ଗ ଯିବି । ଆପଣଙ୍କ Constituencyକୁ ଯାଉଅଛି ।

ମନ୍ତ୍ରୀ ମହାଶୟଙ୍କ ସାଥିରେ ଆସିଥିବେ Mr. Omid Nourpour spokes person of foreign Affairs ଯାହାଙ୍କ ସମ୍ବନ୍ଧ ଗ୍ରୀନ୍ ପାର୍ଟି ସହିତ ରହିଛି, ତାଙ୍କର ପରିଚୟ କରାଇ ବତାଇଲେ ଯେ, ଇଏ ମଧ୍ୟ ମୁସଲମାନ ଅଟନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆଜିର ଏହି ସମ୍ମିଳନୀ ପରେ ମୁସଲମାନ ପାର୍ଲାମେଂଟ ମେମ୍ବରଙ୍କୁ ଇସ୍‌ଲାମ୍‌ର ପ୍ରତିରକ୍ଷା ପାଇଁ ଅନେକ ଭଲ ଭଲ ପ୍ରମାଣ ମାନ ମିଳିଯିବେ ।

Mr. Omid Nourpour spokes person of foreign Affairs କହିଲେ ଯେ, ଫ୍ରାଙ୍କଫର୍ଟଠାରେ ଅହେମଦୀୟା କମ୍ୟୁନିଟି ଯେଉଁଭଳି ଜନସେବାମୂଳକ କାର୍ଯ୍ୟ କରୁଅଛି ତାହା ଅସାଧାରଣ ଅଟେ ଏବଂ ଯମାତ୍ ଅହେମଦୀୟା ତରଫରୁ ଇଂଟିଗ୍ରେସନ୍‌ର ବହୁତ ବଡ଼ ଉଦାହରଣ । ଯମାତ୍ ଅହେମଦୀୟା ବହୁତ ଉତମ

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan